ଆଜି - ରବିବାର
ତାରିଖ - ୦୮ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୪
ତିଥି - ପଂଚମୀ - ଶୁକ୍ଳ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରଭାତୀ ସଂସ୍କରଣ
AJIKALI
Morning Edition

" ଆମର ସୁପ୍ତ ଆତ୍ମାକୁ ଯେତେବେଳେ ଜାଗ୍ରତ କରାଇ ଦିଆଯିବ, ସେତେବେଳେ ସବୁକିଛି ଉତ୍କର୍ଷ ହୋଇପାରିବ ।"
- ସ୍ୱାମୀ ବିବେକାନନ୍ଦ

E-mail: ajikalibls@gmail.com
E-News : www.theajikali.com

Vol.- 40 ISSUE- 323 R.N.I. REGD. No. 44026/86 ବାଲେଶ୍ୱର ୦୮ ମାର୍ଚ୍ଚ ୨୦୨୬ ରବିବାର BALASORE 08 MARCH 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦



33001/17/2526

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ




ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ
୫ ହଜାର କୋଟିରୁ ଊର୍ଦ୍ଧ୍ୱ
ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସମ୍ବିତ ପାତ୍ର
ସାଂସଦ, ପୁରୀ

ଶ୍ରୀ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ଶ୍ରୀ ତୁଷାରକାନ୍ତି ବେହେରା
ବିଧାୟକ, କାକଟପୁର

ଶ୍ରୀ ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ

ଶ୍ରୀମତୀ ଉପାସନା ମହାପାତ୍ର
ବିଧାୟିକା, ବ୍ରହ୍ମଗିରି

ଶ୍ରୀ ଓମ୍ ପ୍ରକାଶ ମିଶ୍ର
ବିଧାୟକ, ସତ୍ୟବାଦୀ

ଶ୍ରୀ ଆଶ୍ରିତ ପଟ୍ଟନାୟକ
ବିଧାୟକ, ପିପିଲି

୮ ମାର୍ଚ୍ଚ ୨୦୨୬, ପୁରୀ

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

ପୁଲିସ୍ ହେଲ୍ପଲାଇନ୍ ୧୧୨
ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮
ମହିଳା ହେଲ୍ପଲାଇନ୍ ୧୮୧
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

OIPR-33001/33001/2/25-26/0004



# ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ପର୍ବ ୨୦୨୬ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ.): ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କ ପର୍ବ-୨୦୨୬ ଉତ୍ସବ ପାଳନ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ଚନ୍ଦନେଶ୍ୱର ସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଯାଇଛି ।ସେବାୟତ ସଂଘର ମୌରସୀ ତଥା ଅଧ୍ୟକ୍ଷ ଶ୍ରୀ ତପନ କୁମାର ପଣ୍ଡା ଚଡ଼କ ମେଳାର ସମ୍ପୂର୍ଣ୍ଣ ସୂଚୀ ନିର୍ଘଂଟ ପାଠ କରିଥିଲେ । ତହସିଲଦାର ତଥା ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୂର୍ଯ୍ୟ କୁମାର ନାୟକ ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସଭାର ପରିଚାଳନା କରିଥିଲେ । ଉପମୌରସୀ ଶ୍ରୀ ବୁଦ୍ଧଦେବ ପଣ୍ଡା ଚଡ଼କ ମେଳାର ଐତିହ୍ୟ ଓ ଏହାର ଆଧାତ୍ମିକ ମାହାତ୍ମ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ



କରାଇଥିଲେ ।ଏହି ବୈଠକରେ ମାନ୍ୟବର ବିଧାୟକ ଶ୍ରୀ ଗୌତମ ବୁଦ୍ଧ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଉପଜିଲ୍ଲାପାଳ ଶ୍ରୀ ଶିବ ମାଳବ୍ୟ ସଭାପତିତ୍ୱ କରିଥିଲେ ।ପୋଲିସ ବିଭାଗ ପକ୍ଷରୁ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦେବଜ୍ୟୋତି ଦାଶ ଓ ଏସଡିପିଓ ଶ୍ରୀ ସୁବ୍ରତ କୁମାର ବେହେରା ଆଇନ-ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଡ୍ରୋନ ଓ ସିସିଟିଭି ବ୍ୟବସ୍ଥା ସମ୍ପର୍କରେ ମତପ୍ରକାଶ କରିଥିଲେ । ଗତ ବର୍ଷ ତୁଳନାରେ ଏହିବର୍ଷ ଅଧିକ ସଂଖ୍ୟାରେ ପୋଲିସ ବଳ ମୁତୟନ କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଥିଲେ । ସେହିପରି ଓଡ୍ରାଫ ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା ।ମାନ୍ୟବର ବିଧାୟକ ରାସ୍ତା କଡ଼ାରେ ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ସାନିଟେଶନ ସହ ରାସ୍ତା ମରାମତି ସମ୍ପର୍କରେ ସମ୍ବନ୍ଧିତ ଅଧିକାରୀମାନଙ୍କ ଠାରୁ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଗ୍ରହଣ କରିଥିଲେ । ପରେ ବିଦ୍ୟୁତ୍, ଜଳ ଯୋଗାଣ, ଟାଟା ପାୱାର ସହିତ ଅନ୍ୟାନ୍ୟ ବିଭାଗ ମେଳା ପାଇଁ ନିଜନିଜ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ଡାକ୍ତରୀ ଟିମ୍, ଔଷଧ ଶିବିର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା । ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଟଏଲେଟ୍ ବ୍ୟବସ୍ଥା ଓ ପାଣି ଯୋଗାଣ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ଉପଜିଲ୍ଲାପାଳ ଶ୍ରୀ ମାଳବ୍ୟ ସମସ୍ତ ବିଭାଗର ଉତ୍ତମ ସମନ୍ୱୟ ମାଧ୍ୟମରେ ଚଡ଼କ ପର୍ବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ଆଶା ପ୍ରକାଶ କରିଥିଲେ ।

# ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ

ବାଲେଶ୍ୱର(ନି.ପ୍ର.) ଆଜି ଅପରାହ୍ନ ୪.୩୦ ଘଟିକା ସମୟରେ ମାନ୍ୟବର ମନ୍ତ୍ରୀ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର ଓସ୍ୱାନ ଆଭାସି ଜରିଅରେ ୪୭ ଗୋଟି ପୌର ସଂସ୍ଥାର ମୋଟ ୮୬୨ ଗୋଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଥି ମଧ୍ୟରୁ ବାଲେଶ୍ୱର ଜିଲ୍ଲା ପାଇଁ ୧୦ ଗୋଟି ପ୍ରକଳ୍ପର ଉଦ୍ଘାଟନ ଓ ୧ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଅନ୍ତର୍ଭୁକ୍ତ ଅଟେ । ଏହି ପ୍ରକଳ୍ପ ଗୁଡ଼ିକ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଭୁକ୍ତ ଅଟେ । ଏହା ବ୍ୟତୀତ ଅର୍ବାନ ପ୍ରୋଜେକ୍ଟ ମ୍ୟାନେଜେମଂଟ ସିଷ୍ଟମ (ଟଚଗଝ) ର ସଂଯୋଗୀକରଣ ଏବଂ ଆଇ ଇ ସି (ଓରଉ)



କ୍ୟାମ୍ପେନର ଶୁଭାରମ୍ଭ ମଧ୍ୟ ମନ୍ତ୍ରୀ ମୋହଦୟ କରିଥିଲେ । ଏଥିପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲା ସଦର ମହକୁମା, ପୌର ସଂସ୍ଥା ଓ ବ୍ଲକ କାର୍ଯ୍ୟାଳୟରୁ ଅନେକ ମାନ୍ୟବର ଲୋକ ପ୍ରତିନିଧି , ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମେର ଓସ୍ୱାନ ଆଭାସି ଜରିଅରେ ଯୋଗ ଦେଇଥିଲେ ।

ବାଲେଶ୍ୱର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସ୍ୱାନ ଆଭାସି ଜରିଅରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ନିର୍ଲିପ୍ତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମେର ଯୋଗ ଦେଇଥିଲେ । ବାଲେଶ୍ୱର ସାଂସଦ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସହରେର ଥିବା ଅନେକ ଗୁଡିଏ ସମସ୍ୟା ବିଷୟେର ମନ୍ତ୍ରୀ ମୋହଦୟଙ୍କୁ ଜଣାଇଥିଲେ । ବାଲେଶ୍ୱର ସହରର ଅଧିକାଂଶ ଜାଗାେର ଡ୍ରେନ ନଥିବାରୁ ବର୍ଷା ପାଣି ନିଷ୍କାସନେର ବାଧା ସୃଷ୍ଟି ହେଉଛି । ଏଥିପାଇଁ ବର୍ଷା ହେଲ ବିଭିନ୍ନ ଜାଗାେର ପାଣି ଜମା ରହୁେ । ଫଳେର ବାଲେଶ୍ୱର ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ମନ୍ତ୍ରୀ ମୋହଦୟଙ୍କୁ ନବେଦନ କରିଛନ୍ତି ।ସେହିପରି ବାଲେଶ୍ୱରେର ଯଥା ଶୀଘ୍ର ଲାଇେବ୍ରରୀ ଓ ଅଡିଟୋରିୟମ ନିର୍ମାଣ କରିବାକୁ ମନ୍ତ୍ରୀ ମୋହଦୟଙ୍କୁ ଅନୁେରାଧ କରିଛନ୍ତି । ନୀଳଗିରିର ଅଳିଆ ଆବର୍ଜନା ପ୍ରଣାଳୀ ଓ ଜେଳଶ୍ୱରର ସୌନ୍ଦର୍ଯ୍ୟ ଦିଗେର ଧ୍ୟାନ ଦେବା ପାଇଁ ମଧ ମନ୍ତ୍ରୀଙ୍କ ପାଖେର ଗୁହାରି ଥିଲେ । ବାଲେଶ୍ୱର ଜିଲ୍ଲାେର ସରକାରୀ କର୍ମଚାରୀଙ୍କ ସଂଖ୍ୟା କମ ଥିବାରୁ ବାଲେଶ୍ୱର ସାଂସଦ ମନ୍ତ୍ରୀଙ୍କ ନିକଟେର ଦୁଃଖ ପ୍ରକାଶ କରିଥିଲେ ।

# ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ର ସ୍ଥାନୀୟ ଆଇ ଟି ଆଇ ଛକରେ ଥିବା ଇନଡୋର୍ ଷ୍ଟାଡିୟମ ଠାରେ ପାଳନ କରାଯାଉ ଅଛି । ଏହି ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବ ତା. ୦୬.୦୩.୨୦୨୬ ରିଖ ଠାରୁ ଆରମ୍ଭ ହୋଇ ତା. ୦୮.୦୩.୨୦୨୬ ରେ ସମାପନ ହେବ । ଯାହାର ପ୍ରସଙ୍ଗ 'ଶକ୍ତି ସ୍ୱରିପିଣୀ', 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଏବଂ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ରହିଅଛି । ଆଜି ଦ୍ୱିତୀୟ ଦିନର କାର୍ଯ୍ୟକ୍ରମର ପ୍ରସଙ୍ଗ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟନିର୍ବାହୀ



ଅଧିକାରିଣୀ ଜିଲ୍ଲା ପରିଷଦ ଡ. ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ସୁଭଶ୍ରୀ ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଶାରୀରିକ ଶିକ୍ଷା ନିରୀକ୍ଷକ, ବାଲେଶ୍ୱର ଶ୍ରୀ ଚନ୍ଦ୍ରକାନ୍ତ ଘଡେଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସଶକ୍ତ ରାଷ୍ଟ୍ର ନିର୍ମାଣ କରିବାରେ ନାରୀ ଶକ୍ତିର ଭୂମିକା ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବ ରେ ବିଭିନ୍ନ ବର୍ଗର ୩୫୦ ରୁ ଉର୍ଦ୍ଧ ମହିଳା ଭାଗ ନେଇଥିଲେ । ଏହି ପରିପ୍ରେକ୍ଷିରେ ଏକ ଆତ୍ମରକ୍ଷା ପ୍ରଦର୍ଶନ ଓ ପ୍ରଶିକ୍ଷଣ, ସ୍ୱାସ୍ଥ ନିରାପତା ଓ ନେତୃତ୍ୱ ଉପରେ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହା ସହ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ କୀର୍ତି ଅର୍ଜନ କରିଥବା ଦୃଷ୍ଟି ବାଧିତ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ମଂଚ ପରିଚାଳନା କରିବା ସହ ସମସ୍ତଙ୍କୁ ଆସନ୍ତା କାଲି ହେବାକୁ ଥିବା 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିବେଦନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଂଟ-୨୦୨୬' ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଯୁବପିଢ଼ୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶକୁ ଲକ୍ଷ୍ୟ କରି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଂଟ-୨୦୨୬' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ତଥା ବାଲେଶ୍ୱର ନେହେରୁ ଯୁବ କେନ୍ଦ୍ର ପରିଷଦର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏହି



ଅବସରରେ "ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା" ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୩୮ ଜଣ ପ୍ରତିଯୋଗୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଆମନ୍ତ୍ରିତ ବିଚାରକମଣ୍ଡଳୀଙ୍କ ଦ୍ୱାରା ସେଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ୧୮ରୁ ୨୫ ବର୍ଷ ବୟସର ଛାତ୍ରଛାତ୍ରୀ ଓ ଯୁବବର୍ଗ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଯୋଗଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ୨୦୦ରୁ ଅଧିକ ପ୍ରତିଯୋଗୀଙ୍କ ପଞ୍ଜିକରଣ ହୋଇଥିବା ସୂଚନା ମିଳିଛି । ପୁରସ୍କାର ବିତରଣୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ , ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଏନଏସଏସ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡ଼କ୍ଟର ପ୍ରତିମା ପ୍ରଧାନ ଓ ଡ଼କ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ଅତିଥିମାନଙ୍କ ଗହଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ହେଲେ—୧. କଶିଶ ଦାଶ ,୨. ବିଶ୍ୱରଞ୍ଜନ ନାୟକ. ୩. ମଧୁସ୍ମିତା ବଳ , ୪. ଭବଶ୍ରୀ ଜେନା , ୫. ସୁଷମା ଦାଶ , ଏହି ପ୍ରତିଯୋଗିତାରୁ ଚୟନିତ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପର୍ଯ୍ୟାୟକୁ ଅଂଶଗ୍ରହଣ କରିବେ ଏବଂ ସେଠାରୁ ୩ ଜଣ ପ୍ରତିଯୋଗୀ କେନ୍ଦ୍ର ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବାର ସୁଯୋଗ ପାଇବେ ।ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିରେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଶ୍ରୀ ଏମ. ବିଘ୍ନେଶ, ଡ଼କ୍ଟର ପ୍ରତିମା ପ୍ରଧାନ, ଶ୍ରୀ ଗୌରାଙ୍ଗ ପଣ୍ଡା, ଶ୍ରୀ ଅଭୟ ନାୟକ ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଅଧୀନସ୍ଥ ମହାବିଦ୍ୟାଳୟମାନଙ୍କ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଯୁବବର୍ଗଙ୍କୁ ଦେଶର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ସହ 'ବିକଶିତ ଭାରତ' ଗଠନରେ ସେମାନଙ୍କ ମତାମତ ଓ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

# ପୀଠସ୍ଥଳୀ ପରିଦର୍ଶନ କଲେ ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ

ବାଲେଶ୍ୱର(ନି.ପ୍ର.)ରେମୁଣାର ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀ ଯୁକ୍ତ ବିଭିନ୍ନ ପୀଠସ୍ଥଳୀକୁ ନେଇ ଏକ ପର୍ଯ୍ୟଟନ ବଳୟ ଗଠନ ନିମନ୍ତେ ହୋଇଥିବା ପ୍ରୟାସ ଆଜି ଆଉ ଗୋଟିଏ ପାଦ ଆଗକୁ ବଢିଛି । ଆଜି ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୀର୍ଘ ୫ ଘଂଟାରୁ ଅଧିକ ସମୟ ଧରି ରେମୁଣାର ସେହିସବୁ ପିଠସ୍ଥଳୀ ପରିବର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥି ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପର ବ୍ୟୟ ଅଟକଳ କରାଯିବା ପରେ ଏହି ପ୍ରକଳ୍ପର ଅର୍ଥ ମଞ୍ଜୁର ପାଇଁ ପ୍ରେରିତ କରାଯିବ । ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଡ଼ିଓ ସଞ୍ଜୟ କୁମାର ରାଉତ ଙ୍କ ସମେତ ଆଇଜି, ପିଡବ୍ଲୁଡି, ପର୍ଯ୍ୟଟନ, ବନ ବିଭାଗ, ଜଳ ସମ୍ପଦ, ଡ୍ରେନେଜ ବିଭାଗ ଅଧିକାରୀ, ରେମୁଣା ତହସିଲଦାର ଏବଂ ରେମୁଣା ବିଡିଓ ପ୍ରମୁଖ ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗ ତିନି ନଦୀର ସଙ୍ଗମସ୍ଥଳ ତ୍ରିବେଣୀ, କ୍ଷୀରଚୋରା ଗୋପୀନାଥ ମନ୍ଦିର,



ଗାର୍ଗେଶ୍ୱର ଶିବ ମନ୍ଦିର, ସପ୍ତଶରା ନଦୀ, ରାମଚଣ୍ଡୀ ମନ୍ଦିର, ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ, ବ୍ଲକ ପୋଖରୀ, କୁଟ ପୋଖରୀ, କନକଦୂର୍ଗା ମନ୍ଦିର, ହାତପାଦ ଥିବା ଜଗନ୍ନାଥ ମନ୍ଦିର, ଶ୍ରୀଧରସ୍ୱାମୀଙ୍କ ସ୍ମୃତି ମନ୍ଦିର, କଙ୍କାଳୀମଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଏବଂ ଭୀମେଶ୍ୱର ଶୈବପୀଠ ପ୍ରମୁଖ ପୀଠ ପରିଦର୍ଶନ କରିଥିଲେ । ଏହି ସ୍ଥାନ ମାନଙ୍କରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପରିଦର୍ଶନକାରୀ ଅତିଥିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରିଦର୍ଶନ ପରେ ବାଲଗୋପାଳପୁର ସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ସବୁ ପୀଠସ୍ଥଳୀ ଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବ । ଯାହାଦ୍ୱାରା ସାଂସ୍କୃତିକ ଐତିହ୍ୟ ବଜାୟ ରହିବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ସାଂସ୍କୃତିକ ଐତିହ୍ୟକୁ ଆଗକୁ ଆଣିବାର ପ୍ରୟାସ କରାଯିବ ବୋଲି କୁହାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲ୍ଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ, ଚିତରଞ୍ଜନ ବେହେରା, ତାପସ କୁମାର ରଥ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ସର୍ଗ ବୃଦ୍ଧାଶ୍ରମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ବାଲିଆ କୁକୁଡ଼ାପଦା ଉତ୍ସର୍ଗ ବୃଦ୍ଧଶ୍ରମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବରେ ଡକ୍ଟର ଭାଗବତ ପ୍ରସାଦ ଦାସ, ଡକ୍ଟର ସିନ୍ଧୁ ସେନ, ସମ୍ପାଦକ ବିକର୍ତନ ନାୟକ, ପ୍ରଦୀପ କୁମାର ମିଶ୍ର, ସୁରଭି ପାଣି, ଅଭୟ କୁମାର ପାଣି, ପ୍ରଭାକର ସାହୁ, ଗିରିଶ



ପରିଡ଼ା ଓ ଡ଼ାକ୍ତର ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗ ଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସହ ସମ୍ପାଦିକା ସତ୍ୟଭାମା ମୁଦୁଲି ପ୍ରାକ୍ ସୂଚନା ଦେଇଥିବା ବେଳେ ସଭ୍ୟ ଚିତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭିନ୍ନ ବର୍ଗର ଛ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ଅଶୀରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ରହି ଅଭିଜ୍ଞତା , ନାରୀର କର୍ତବ୍ୟ ଓ ଦାୟିତ୍ୱ ସହ ସମାଜ ପ୍ରତି ନାରୀର ଭୂମିକା ସମ୍ପର୍କରେ ନିଜ ନିଜର ମତ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଭ୍ୟ କଞ୍ଚମଣି ସ୍ୱାଇଁ, ସୁନିଲ ଗିରି, ମୀତା ବିଶ୍ୱାଳ, ସୁକାନ୍ତି ସାହୁ, ଅନୁଶୁୟା ବଳବନ୍ତ ରାୟ, ନିରୁପମା ପଣ୍ଡା ଓ ମାନସୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ବାର୍ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ବାର ନିର୍ବାଚନ ଅଧିକାରୀ କାର୍ତିକ ପ୍ରସାଦ ସିଙ୍କ ପରିଚାଳନାରେ ଆସନ୍ତା ୨୮ ତାରିଖ ନିର୍ବାଚନ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ପୂର୍ବ ନିଷ୍ପତି ଅନୁଯାୟୀ ୭ ତାରିଖ ପୂର୍ବାହ୍ନରେ ଉପସଭାପତି ପଦ ପାଇଁ ଆଇନଜୀବୀ ସୂର୍ଯ୍ୟକାନ୍ତ କର ନାମାଙ୍କନ ପତ୍ର ଭରିଥିବା ବେଳେ ସାଧାରଣ ସମ୍ପାଦକ ପଦ ପାଇଁ ପୂର୍ବ ସମ୍ପାଦକ ସମ୍ବିତ କୁମାର ନନ୍ଦୀ ନାମାଙ୍କନ ପତ୍ର ଭରିଛନ୍ତି । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରାମକୃଷ୍ଣ ଜେନା, କୃଷ୍ଣମୋହନ ବେହେରା ପ୍ରମୁଖ ୭ ତାରିଖ ପ୍ରଥମ ଦିନରେ ନାମାଙ୍କନ ପତ୍ର ଭରିଥିବା ବେଳେ ଏହି ପ୍ରକ୍ରିୟା ଆସନ୍ତା ୯.୩.୨୬ ତାରିଖ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରକ୍ରିୟା ଜାରି ରହିବ ।

# ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାର କେନ୍ଦ୍ରୀୟ ନୋଡାଲ ଅଧିକାରୀଙ୍କ ସମୀକ୍ଷା

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ପରିଦର୍ଶନ ଅବସରରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ଆର୍ଥିକ ପରାମର୍ଶଦାତା ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟ ପାଇଁ କେନ୍ଦ୍ରୀୟ ନୋଡାଲ ଅଧିକାରୀ ଶ୍ରୀ ସଞ୍ଜୀତ ବାଲେଶ୍ୱର ର କେନ୍ଦ୍ରୀୟ ବିଦ୍ୟାଳୟ ୧ ର ପରିଦର୍ଶନ କରିଥିଲେ । ସେଠାରେ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରି ତାଙ୍କର ସମସ୍ୟା ଓ ଅଭିଜ୍ଞତା ବିଷୟରେ ଜାଣିଥିଲେ ।



ପରେ ସେ ଜିଲ୍ଲାରେ ପିଏମ୍ ଶ୍ରୀ ଯୋଜନା ଅଧୀନରେ ଚାଲୁଥିବା ଅନୁଷ୍ଠାନ ମାନଙ୍କର ସମୀକ୍ଷା କରିଥିଲେ । ଏହାପରେ ସେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ସହିତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରି ଯୋଜନାର କାର୍ଯ୍ୟଗତି ବିଷୟରେ ଆଲୋଚନା କରିଥିଲେ । ସେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା, ପରିଷ୍କାର ପରିଚ୍ଛନ୍ନତା ,ସାନିଟେସନ୍ ବ୍ୟବସ୍ଥା, ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ଏବଂ ନିୟମିତ ସୁଚାରୁ ରୂପେ ଅଭିଭାବକ-ଶିକ୍ଷକ ବୈଠକ (ଚଞ୍ଚଗ) ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ବର୍ଷାଜଳ ସଂରକ୍ଷଣ, ଶିକ୍ଷକମାନଙ୍କ କ୍ଷମତା ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ଓ ଚରିତ୍ର ଗଠନକୁ ବଳବତର କରିବା ଉପରେ ମଧ ଜୋର ଦେଇଥିଲେ । ସେ ସମସ୍ତଙ୍କୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମର୍ପଣ ଓ ସତ୍ୟନିଷ୍ଠା ସହ କାମ କରିବାକୁ ଆହ୍ୱାନ କରିଥିଲେ, ଯାହା ମାଧ୍ୟମରେ ଆବଶ୍ୟକ କରୁଥିବା ଶିଶୁମାନେ ଲାଭାନ୍ୱିତ ହେବେ ଏବଂ ଦେଶ ଗଠନର ଲକ୍ଷ୍ୟ ସାଧନରେ ଏହା ସହାୟକ ହେବ ।

# ଆକତପୁର ହତ୍ୟାକାଣ୍ଡ ମାମଲାରେ ୫ ନାବାଳକଙ୍କୁ ଅନୁଗୁଳ ପଠାଗଲା

ବାଲେଶ୍ୱର(ନି.ପ୍ର.) ଗତ ୪ ତାରିଖ ଦିନ ହୋଲି ଅବସରରେ ଟାଉନଥାନା ଅନ୍ତର୍ଗତ ଆକତପୁର ଠାରେ ଜଣେ ଯୁବକଙ୍କୁ ପ୍ରାଣାନ୍ତକ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଦୁଇ ସାଁବାଳକଙ୍କୁ ଟାଉନପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ୫ ନାବାଳକଙ୍କୁ ଗତକାଲି ଅଟକ ରଖାଯାଇ ୭ ତାରିଖ କୋର୍ଟ ନିର୍ଦ୍ଦେଶ ମୁତାବକ ଜୁଭେନାଇଲ ଆକ୍ଟ ଅନୁଯାୟୀ ନାବାଳକମାନଙ୍କୁ ଅନୁଗୁଳକୁ ସ୍ଥାନାନ୍ତର କରାଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।





# ହାଡୋତି ଅଂଚଳର ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରିବା ସହ କୋଟା ବିମାନବନ୍ଦରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ ବାର୍ତ୍ତା ମାଧ୍ୟମରେ କୋଟା ବିମାନବନ୍ଦରର ଶିଳାନ୍ୟାସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହା ହାଡୋତି ଅଂଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବେ ପରିଗଣିତ ହେଉଛି । 'ରାଜସ୍ଥାନ ଏକ ଅଭୂତପୂର୍ବ ଗତିରେ ଅଗ୍ରସର ହେଉଛି ଓ ନୂତନ ବିମାନବନ୍ଦର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ପ୍ରେରକ ଶକ୍ତି ହେବାକୁ ଯାଉଛି' ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ତାଙ୍କର ସାମ୍ପ୍ରତିକ ଅଜମେର ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଠାରେ ହଜାର ହଜାର କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଉଦ୍ଘାଟନ କରାଯାଇଥିଲା ଏବଂ ୨୧,୦୦୦ରୁ ଅଧିକ ଯୁବକ-ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେ କହିଥିଲେ ଯେ, ଗତ ଏକ ସପ୍ତାହ ମଧ୍ୟରେ ଏପରି ପରମ୍ପରାଗତ କାର୍ଯ୍ୟକ୍ରମ ରାଜ୍ୟର ଉନ୍ନତି ଯାତ୍ରା ସମ୍ପର୍କରେ ଏକ ଶକ୍ତିଶାଳୀ ସନ୍ଦେଶ ଦେଉଛି ଏବଂ ଏହା ଆମକୁ ଦର୍ଶାଉଛି ଯେ, ରାଜସ୍ଥାନ କେତେ ତ୍ୱରିତ ଗତିରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, ଆଜି କୋଟା, ବୁନ୍ଦି, ବାରାନ ଏବଂ ଝାଲାୱାର ପାଇଁ ନୂତନ ଆଶାର ଦିନ, କାରଣ ପ୍ରାୟ ୧,୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏହି ଆଧୁନିକ ବିମାନବନ୍ଦର ଆକାର ନେବା ଆରମ୍ଭ କରିଛି । ଏହି ଅଂଚଳର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ କହିଥିଲେ, 'ଏହି ଆଧୁନିକ ବିମାନବନ୍ଦର ଆଗାମୀ ସମୟରେ ସମଗ୍ର ଅଂଚଳର ବିକାଶକୁ ତ୍ୱରାନ୍ୱିତ କରିବ । '୨୦୨୩



ନଭେମ୍ବରରେ ତାଙ୍କ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ବିମାନବନ୍ଦର ସମ୍ପର୍କରେ ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଏବେ ପୂରଣ ହେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ । ପୂର୍ବରୁ ଉଡାଣ ପାଇଁ ଜୟପୁର କିମ୍ବା ଯୋଧପୁରକୁ ଯିବାର ଅସୁବିଧାରୁ ମୁକ୍ତି ମିଳିବା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ଏହି ବିମାନବନ୍ଦର ଚାଲୁ ହେଲେ କୋଟା ସମେତ ସମଗ୍ର ଅଂଚଳରେ ଯାତ୍ରା ସହଜ ହେବ ଏବଂ ବାଣିଜ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ।" ପ୍ରଧାନମନ୍ତ୍ରୀ କୋଟାକୁ ଶିକ୍ଷା ଓ ଶକ୍ତି ଉତ୍ପାଦନର ଏକ ଅନନ୍ୟ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ଏଠାରେ ପରମାଣୁ, କୋଇଲା, ଗ୍ୟାସ ଓ ଜଳ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ହୁଏ । ଶ୍ରୀ ମୋଦୀ କୋଟା ଡୋରିଆ ଶାଢ଼ି, କୋଟା ପଥର ଓ ବୁନ୍ଦିର ବାସୁମତୀ ଚାଉଳ ଭଳି ସ୍ଥାନୀୟ କୃଷି ଉତ୍ପାଦର ବିଶ୍ୱସ୍ତରୀୟ ପରିଚିତିକୁ ପ୍ରଶଂସା କରି କହିଥିଲେ ଯେ, "କୋଟାର ଏହି ନୂତନ ବିମାନବନ୍ଦର ଏହି ସମ୍ଭାବନାଗୁଡ଼ିକୁ ଅନେକ ଗୁଣ ବଢ଼ାଇବାରେ ସହାୟକ ହେବ ।" ଅଂଚଳର ପର୍ଯ୍ୟଟନ ସମ୍ଭାବନା ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ମୁକୁନ୍ଦରା ପାହାଡ଼ ଭଳି ବନ୍ୟପ୍ରାଣୀ କେନ୍ଦ୍ର ଏବଂ ଏଥିସହିତ ଶ୍ରୀ ମଥୁରାଧୀଶ ଓ ଗରାଡିଆ ମହାଦେବଙ୍କ ଆଧ୍ୟାତ୍ମିକ ମହତ୍ତ୍ୱ ବିଷୟରେ ଉଲ୍ଲେଖ କରିଥିଲେ । ସେ ଜୋର ଦେଇ କହିଥିଲେ, 'ବର୍ଦ୍ଧିତ ବିମାନ ସଂଯୋଗୀକରଣ ଦ୍ୱାରା ଏହି ଅଂଚଳକୁ ବିଶ୍ୱ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ ଏବଂ ଏହାର ସିଧାସଳଖ ଲାଭ ଏଠାକାର ଯୁବପିଢ଼ି, ବ୍ୟବସାୟୀ ଏବଂ ସ୍ଥାନୀୟ ଅର୍ଥନୀତିକୁ ମିଳିବ ।" ପ୍ରଧାନମନ୍ତ୍ରୀ ଅମୃତ ଭାରତ ଯୋଜନା ଅଧୀନରେ ରେଳ ଷ୍ଟେସନଗୁଡ଼ିକର ଆଧୁନିକୀକରଣ ଏବଂ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ପ୍ରଭାବ ସମେତ କୋଟାରେ ବ୍ୟାପକ ସଂଯୋଗୀକରଣ ବିପ୍ଳବ ଉପରେ ମଧ୍ୟ ଆଲୋକପାତ କରିଥିଲେ । କୃଷି-ଆଧାରିତ ଶିଳ୍ପ ଦିଗରେ ହେଉଥିବା ପରିବର୍ତ୍ତନକୁ ଉଦ୍ଧୃତ କରି ଶ୍ରୀ ମୋଦୀ କହିଥିଲେ, "ରେଳ ଓ ସଡ଼କ ପରେ ବିମାନ ସଂଯୋଗୀକରଣର ଏହି ନୂତନ ଅଧ୍ୟାୟ କୋଟାର ବିକାଶକୁ ଆହୁରି ଅଧିକ ଗତିଶୀଳ କରିବ । 'ସ୍ଥାନୀୟ ନେତୃତ୍ୱର ପ୍ରୟାସକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ କୋଟାର ସାଂସଦ ତଥା ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏହି ଅଂଚଳର ପ୍ରଗତି ନିମନ୍ତେ ତାଙ୍କ ଉତ୍ସର୍ଗୀକୃତ ସମର୍ପଣ ପାଇଁ ପ୍ରଶଂସା କରିଥିଲେ । ସଂସଦରେ ଶ୍ରୀ ବିର୍ଲାଙ୍କ ଭୂମିକା ବିଷୟରେ ମତ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ସେ ଜଣେ ଶିକ୍ଷକଙ୍କ ପରି ସମ୍ପୂର୍ଣ୍ଣ ଶ୍ରେଣୀକୁ ଭଲ ଭାବରେ ପରିଚାଳନା କରନ୍ତି, ଯଦିଓ ବେଳେବେଳେ ବଡ଼ ପରିବାରର ଅବାଧ ଛାତ୍ରମାନଙ୍କ ସମ୍ମୁଖୀନ ହେବାକୁ ପଡେ ।" ଦେଶର ବିମାନ ଚଳାଚଳ କ୍ଷେତ୍ରର ପରିବର୍ତ୍ତନ ବିଷୟରେ କଥା ହେବା ସମୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ୨୦୧୪ ମସିହାରେ ଦେଶରେ ମାତ୍ର ୭୦ଟି ବିମାନବନ୍ଦର ଥିଲା, ଯାହା ବୃଦ୍ଧି ପାଇ ଆଜି ୧୬୦ ରୁ ଅଧିକ ହୋଇଛି ।

# ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ

ଜଳେଶ୍ୱର(ନିପ୍ର) : ପ୍ରବାଦ ପୁରୁଷ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କର୍ମୀ ସମ୍ମିଳନୀ ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବ୍ଲକ ବିଜୁ ଜନତା ଦଳର ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ପାଳନ ଉତ୍ସବ ଓ କର୍ମୀ ସମ୍ମିଳନୀରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜୀତା ସେନାପତି, ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଅନାଦୀ ଚରଣ ଦାସ, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହିତ ଆଗାମୀ ପଂଚାୟତ ନିର୍ବଚନରେ ବିଜୁ ଜନତା ଦଳର କର୍ମୀ ମାନଙ୍କର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାତୟର ନିର୍ବାଚିତ ଜନପ୍ରତିନିଧି, ସରପଂଚ, ସମିତି ସଦସ୍ୟଙ୍କ ସହିତ ଜଳେଶ୍ୱର ପୌରପରିଷଦର ନିର୍ବାଚିତ ଜନ ପ୍ରତିନିଧି ଓ ବିଜୁ ଜନତା ଦଳର ନେତା ଓ କର୍ମୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରୋଷରେ ବ୍ରିଗେଡ ସ୍କୁଲ ଉଦ୍‌ଘାଟିତ

ସୋର(ନିପ୍ର) : ସୋର ବ୍ଲକ ଅନ୍ତର୍ଗତ ଜଡିଦା ପଂଚାୟତସ୍ଥ ରୋଷ ଛକରେ ମାନବ ଉତାନ ସେବା ସଂସ୍ଥାନ ତରଫରୁ ଓଡିଶା ଷ୍ଟେଟ ବିଗ୍ରେଡ଼ ସ୍କୁଲ ଉଦ୍ଘାଟିତ ହୋଇ ଯାଇଛି । ସମାଜସେବୀ ଜୟନ୍ତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜଡିଦା ସରପଂଚ ସୁଲୋଚନା ବେହେରା ଓ ଗୋପୀନାଥପୁର ସରପଂଚ ବନିତା ପଣ୍ଡା ଏହାକୁ ଶୁଭାରମ୍ଭ କରିଥିଲେ । ଏଥିରେ ବୈଷ୍ଣବ ପ୍ରଧାନ, ସମାଜ ସେବୀ ଉଦୟନାଥ ପ୍ରଧାନ, ରମାକାନ୍ତ ବେହେରା, ଶମ୍ଭୁନାଥ ରାଉତ, ରମାକାନ୍ତ ରାଉତ ଯୋଗଦେଇ ବକ୍ତବ୍ୟ ରଖି ଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସେବାନିବୃତ୍ତ ଡେପୁଟି କମାଣ୍ଡେଂଟ ସୀମା ସୁରକ୍ଷା ବାହିନୀ ଗଜେନ୍ଦ୍ର ପ୍ରସାଦ ବାରିକ, ସମ୍ମାନିତ ଅତିଥି ଭାବେ ରାଧାକୃଷ୍ଣ ମହାପାତ୍ର, କାହ୍ନୁ ଚରଣ ମିଶ୍ର, ଗଜାନନ ପୋଇ ଓ ବକ୍ତା ଭାବେ ଉତରେଶ୍ୱର ଜାଭିୟର୍ସ ସ୍କୁଲ, ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ତଥା ସ୍କୁଲର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ପଣ୍ଡା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସାମ୍ବାଦିକ ଅଭୟ କୁମାର ପତ୍ରୀ ଏବଂ ସମାଜସେବୀ ତଥା ବିରଳ ଫୋଟୋ ସଂଗ୍ରାହକ ସର୍ବେଶ୍ୱର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁମୁଦିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲା ବେଳେ, ସସ୍ମିତା ପ୍ରଧାନ, ଶାଶ୍ୱତୀ ଜେନା, ସଂଯୁକ୍ତା ପାତ୍ର, ମହେଶ୍ୱର ବାରିକ ପରିଚାଳନା କରିଥିଲେ । ଶେଷରେ ବ୍ରାଇଟ ଫ୍ୟୁଚର ସେଂଟର ର ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ ।

# ମହିଳା ଶକ୍ତିର ପଦଧ୍ୱନି : କର୍ତ୍ତବ୍ୟ ପଥରେ ଶକ୍ତି ପଦଯାତ୍ରା

ନୂଆଦିଲ୍ଲୀ : ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଆସନ୍ତାକାଲି, ୮ ମାର୍ଚ୍ଚ ୨୦୨୬ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅଂଶ ଭାବରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥ ଠାରେ 'ଶକ୍ତି ପଦଯାତ୍ରା #ସିଲିଡ୍ସଭାରତ (ମହିଳାଙ୍କ ନେତୃତ୍ୱରେ ଆଗକୁ ବଢେ ଭାରତ)' ଶୀର୍ଷକ ଏକ ମହିଳା ନେତୃତ୍ୱ ପଦଯାତ୍ରା ଆୟୋଜନ କରୁଛି । ମାର୍ଚ୍ଚ ୮ ତାରିଖରେ ବିଶ୍ୱବ୍ୟାପୀ ପାଳିତ ଅନ୍ତର୍ଜାତୀୟ ମହିଳା ଦିବସ, ଜୀବନର ସମସ୍ତ କ୍ଷେତ୍ରରେ ମହିଳାମାନଙ୍କର ସଫଳତା, ନେତୃତ୍ୱ ଏବଂ ଅବଦାନକୁ ପାଳନ କରେ ଏବଂ ଲିଙ୍ଗଗତ ସମାନତା, ସୁରକ୍ଷା, ସମ୍ମାନ ଏବଂ ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ । ଏହି ଭାବନା ଆଧାରରେ, ଏକ ପ୍ରଗତିଶୀଳ ଏବଂ ସମାବେଶୀ ଭାରତ ଗଠନରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରିବା ପାଇଁ ଶକ୍ତି ପଦଯାତ୍ରା ଆୟୋଜନ କରାଯାଉଛି । ଶକ୍ତି ପଦଯାତ୍ରାର ଲକ୍ଷ୍ୟ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ନେତୃତ୍ୱ ଏବଂ ଅବଦାନକୁ ପାଳନ କରିବା, ମହିଳା ସୁରକ୍ଷା, ନିରାପତା ଏବଂ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରିବା, ମହିଳାମାନଙ୍କ ପାଇଁ ଲାଭଦାୟକ ନିର୍ଦ୍ଦିଷ୍ଟ ଯୋଜନା ଏବଂ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରିବା । ଏହା ସହିତ ବିଭିନ୍ନ ପୃଷ୍ଠଭୂମିର ମହିଳାମାନଙ୍କ ମଧ୍ୟରେ ଏକତା ଏବଂ ସାମୂହିକ ଗର୍ବ ବୃଦ୍ଧି କରିବା ତଥା ଦେଶର ପ୍ରଗତି ପାଇଁ ମହିଳାମାନଙ୍କ ନେତୃତ୍ୱରେ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବାର୍ତ୍ତା ପ୍ରସାର କରିବା । ଏହି ପଦଯାତ୍ରା ସକାଳ ୭:୩୦ ରୁ ୧୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ଯାହା ଇଣ୍ଡିଆ ଗେଟରୁ ବିଜୟ ଚୌକ ପର୍ଯ୍ୟନ୍ତ କର୍ତ୍ତବ୍ୟ ପଥ ଦେଇ ପ୍ରାୟ ୨ କିଲୋମିଟର ଦୂରତା ଅତିକ୍ରମ କରିବ । ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଅଧିକ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନର ପ୍ରାୟ ୩,୦୦୦ ମହିଳା ଅଂଶଗ୍ରହଣ କରିବାର ଆଶା କରାଯାଉଛି, ଯେଉଁମାନଙ୍କ ମଧ୍ୟରେ ସଶସ୍ତ୍ର ବାହିନୀ, ପୋଲିସ, ଗଣମାଧ୍ୟମ, ସ୍ୱାସ୍ଥ୍ୟସେବା, କ୍ରୀଡା, ସରକାରୀ ପ୍ରତିଷ୍ଠାନ, ଶିଳ୍ପ ଏବଂ ତୃଣମୂଳ ସ୍ତରର ସଂଗଠନର ପ୍ରତିନିଧିମାନେ ସାମିଲ ଅଛନ୍ତି । ଅଂଶଗ୍ରହଣକାରୀ ମାନେ #ସିଲିଡ୍ସଭାରତ (ମହିଳାଙ୍କ ନେତୃତ୍ୱରେ ଆଗକୁ ବଢେ ଭାରତ) ' ବିଷୟ ଅନୁଯାୟୀ ଏକାଠି ପଦଯାତ୍ରା କରିବେ, ଯାହା ଏକ ପ୍ରଗତିଶୀଳ ଏବଂ ସମାବେଶୀ ଭାରତ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରିବ । ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ମହିଳା ଅଧିକାରୀମାନଙ୍କୁ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିବେ । ଏହି ପଦଯାତ୍ରାର ନେତୃତ୍ୱ ମହିଳା ଜନପ୍ରତିନିଧିମାନେ ନେବେ, ଯେଉଁମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ସଂସଦ ସଦସ୍ୟ, ବିଧାୟିକା ଏବଂ ଅନ୍ୟାନ୍ୟ ପ୍ରମୁଖ ମହିଳା ନେତ୍ରୀ ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହେବେ । କାର୍ଯ୍ୟକ୍ରମଟି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସଂକ୍ଷିପ୍ତ ଭାଷଣ ସହିତ ଆରମ୍ଭ ହେବ, ଏବଂ ପରେ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ । କର୍ତ୍ତବ୍ୟରତ ମହିଳାମାନଙ୍କ ପାଇଁ ସରକାରୀ-ନିର୍ଦ୍ଦିଷ୍ଟ ଯୋଜନା ଏବଂ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତାକୁ ପ୍ରଦର୍ଶିତ କରୁଥିବା ସଂସ୍ଥାପନ ପ୍ରଦର୍ଶିତ ହେବ । ଇଣ୍ଡିଆ ଗେଟରେ ଏକ ସଂକ୍ଷିପ୍ତ ସାଂସ୍କୃତିକ ଉପସ୍ଥାପନା ଦେଶରେ ନାରୀତ୍ୱ ଏବଂ ଗର୍ବର ଭାବନାକୁ ପ୍ରଦର୍ଶିତ କରିବ । ଏଥିରେ ଡୋଲୁ କୁନିଥା, କଲାରିପାୟଟ୍ଟୁ, ଶ୍ରୀଙ୍ଗାରିମେଲମ୍, ରଣଚଣ୍ଡୀ ଏବଂ ଘୁମର ପ୍ରଦର୍ଶିତ ହେବ, ଯାହା ସମଗ୍ର ଭାରତରେ ମହିଳାମାନଙ୍କର ସମୃଦ୍ଧ ସାଂସ୍କୃତିକ ବିବିଧତା ଏବଂ ଶକ୍ତିକୁ ଉପସ୍ଥାପିତ କରିବ । 'ବନ୍ଦେ ମାତରମ୍'ର ସାମୂହିକ ପରିବେଷଣ ସହିତ ଏହି ସଂକ୍ଷିପ୍ତ ସାଂସ୍କୃତିକ ଉପସ୍ଥାପନାର ଆରମ୍ଭ ହେବ । 'ଶକ୍ତି ପଦଯାତ୍ରା - #ସିଲିଡ୍ସଭାରତ (ମହିଳାଙ୍କ ନେତୃତ୍ୱରେ ଆଗକୁ ବଢେ ଭାରତ)' ବାର୍ତ୍ତା ବହନ କରୁଥିବା ବେଲୁନ ମଧ୍ୟ ଉଡାଯିବ । ଏହି ଉତ୍ସବ ୨୦୪୭ ମସିହାରେ ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦିଏ ।

# ପୁରୀ ଷ୍ଟେସନରେ ଭିତିଭୂମି ଉନ୍ନତିକରଣ ପାଇଁ ଟ୍ରେନ ଚଳାଚଳରେ ଅସ୍ଥାୟୀ ପରିବର୍ତ୍ତନ

ଭୁବନେଶ୍ୱର : ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ପୁରୀ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉନ୍ନତିକରଣ କାର୍ଯ୍ୟ ଘୋଷଣା କରିଛି । ଏହି କାର୍ଯ୍ୟରେ ଷ୍ଟେସନ ୟାର୍ଡରେ ବାଲାଷ୍ଟଲେସ୍ ଟ୍ରାକ୍ ନିର୍ମାଣ ଏବଂ ପ୍ଲାଟଫର୍ମ ନମ୍ବର ୭ ଏବଂ ୮ର ବିକାଶ ମୂଳକ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହି ଅତ୍ୟାବଶ୍ୟକ କାର୍ଯ୍ୟଗୁଡ଼ିକୁ ସହଜ କରିବା ପାଇଁ, ୧୧ ମାର୍ଚ୍ଚ ୨୦୨୬ ରୁ ୧୬ ମଇ ୨୦୨୬ ପର୍ଯ୍ୟନ୍ତ ଅନେକ ଟ୍ରେନ ସେବା ଅସ୍ଥାୟୀ ଭାବରେ ସଂକ୍ଷିପ୍ତ-ଅବଧି କିମ୍ବା ସଂକ୍ଷିପ୍ତ-ଉତ୍ପତି କରିବ । ଉପରୋକ୍ତ ଅବଧି ମଧ୍ୟରେ, ପ୍ରକୃତ ଯାତ୍ରୀଙ୍କ ସୁବିଧା ପାଇଁ ସଂକ୍ଷିପ୍ତ ଅବଧି/ସଂକ୍ଷିପ୍ତ ଉତ୍ପତି ଷ୍ଟେସନ ଏବଂ ପୁରୀ ମଧ୍ୟରେ ବସ୍ ସେବା ବ୍ୟବସ୍ଥା କରାଯିବ । ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏନ୍. ଟି. ଇ. ଏସ୍. କିମ୍ବା ରେଳବାଇ ଅନୁସନ୍ଧାନ ପ୍ରଣାଳୀ ମାଧ୍ୟମରେ ଟ୍ରେନ୍ଗୁଡ଼ିକର ସଦ୍ୟତମ ସ୍ଥିତି ଯାଂଚ କରିବାକୁ ପରାମର୍ଶ ଦିଆଯାଇଛି ।

# ଏନଏଚଆରସିଙ୍କ ହସ୍ତକ୍ଷେପ ପରେ ଥାଇଲ୍ୟାଣ୍ଡରେ ନିର୍ଯାତିତ ଛଅ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

ନୂଆଦିଲ୍ଲୀ : ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ନିଜ ଆଡୁ ହସ୍ତକ୍ଷେପ କରିବା ଫଳରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗତ ଛଅ ମାସ ଧରି ନିଜର ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଓଡ଼ିଶାର ୬ ଜଣ ଶ୍ରମିକଙ୍କୁ ମୁକ୍ତ କରାଯାଇପାରିଛି । ୨୦ ଫେବୃଆରୀ, ୨୦୨୬ରେ ଏନଏଚଆରସି ମନ୍ତ୍ରଣାଳୟକୁ ଚିଠି ପଠାଇବାର ପରଦିନ ଚାରି ଜଣ ଶ୍ରମିକଙ୍କୁ ଭାରତ ଫେରାଇ ଅଣାଯାଇଥିଲା । ସେମାନେ ନିଜ ନିଯୁକ୍ତିଦାତାଙ୍କ ଦ୍ୱାରା ବୁକ୍ କରାଯାଇଥିବା ଏକ ବିମାନରେ ବ୍ୟାଂକକରୁ କୋଲକାତାରେ ପହଂଚିଥିଲେ । ବୈଦେଶିକ ମନ୍ତ୍ରଣାଳୟର ଦକ୍ଷିଣ ପ୍ରଭାଗ ସୂଚନା ଦେଇଛି ଯେ ସେମାନେ ଅବଶିଷ୍ଟ ଦୁଇ ଉଦ୍ଧାର ଶ୍ରମିକଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ଥାଇଲ୍ୟାଣ୍ଡ ଇମିଗ୍ରେସନ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି । ଏହି ଶ୍ରମିକମାନେ ସେମାନଙ୍କର ଭିସା ଅବଧି ଠାରୁ ଅଧିକ ସମୟ ଧରି ରହିଥିବା କାରଣରୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରୁଛନ୍ତି । ସୂଚନାଯୋଗ୍ୟ, ୨୦ ଫେବୃଆରୀ ୨୦୨୬ରେ, ଏନଏଚଆରସି ଏକ ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଥାଇଲ୍ୟାଣ୍ଡରେ ବନ୍ଦୀ ଶ୍ରମିକମାନଙ୍କୁ କୌଣସି ସହାୟତା ପ୍ରଦାନ କରାଯିବା ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରଶ୍ନ କରିଥିଲେ । ଏନଏଚଆରସିଙ୍କ ଠାରୁ ସୂଚନା ପାଇବା ପରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଦକ୍ଷିଣ ପ୍ରଭାଗ ଥାଇଲ୍ୟାଣ୍ଡ କର୍ତ୍ତୃପକ୍ଷଙ୍କୁ ସେମାନଙ୍କୁ ମୁକ୍ତ କରିବାକୁ ଅନୁରୋଧ କରିଥିଲା ଏବଂ ଯେଉଁ କମ୍ପାନୀରେ ଛଅ ଜଣ ଶ୍ରମିକ କାମ କରୁଥିଲେ ସେଠାକାର ମାଲିକଙ୍କ ସହିତ ମଧ୍ୟ ଯୋଗାଯୋଗ କରିଥିଲା । ୧୭ ଫେବୃଆରୀ, ୨୦୨୬ ରେ, ଗଣମାଧ୍ୟମରେ ଏକ ଭିଡିଓ ପ୍ରକାଶ ପାଇଲା ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରମିକମାନେ ସେମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରିଥିଲେ । ବ୍ୟାଂକକ ନିକଟସ୍ଥ ଏକ କାରଖାନାରେ ସେମାନଙ୍କୁ ମାଲିକ ବନ୍ଧକ ରଖିଥିଲେ ଏବଂ ସେଠାରେ ସେମାନଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଇଥିଲା । ସେମାନଙ୍କୁ ପ୍ଲାଏଉଡ୍ କାରଖାନାରେ ବିନା ଦରମାରେ ଏବଂ ଉପଯୁକ୍ତ ଖାଦ୍ୟ ବିନା ଦିନକୁ ୧୨ ଘଂଟା କାମ କରିବାକୁ ବାଧ କରାଯାଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସେମାନଙ୍କ ମାଲିକ ସେମାନଙ୍କ ପାସପୋର୍ଟ ମଧ୍ୟ ଜବତ କରି ନେଇଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ଡ୍ରେନ ନିର୍ମାଣ

ବେତନଟୀ(ନିପ୍ର) : ବେତନଟୀ ବ୍ଲକର ବେତନଟୀ ଗ୍ରାମ ପଂଚାୟତ ଅନ୍ତର୍ଗତ ଶୁଖିଲାହାର ସାମିଲ ମହୁଲିଆ ଗାଁର ଦଣ୍ଡପାଟ ସାହିରେ ବିନା ସୂଚନା ଫଳକରେ ଚାଲିଛି ଡ୍ରେନ ନିର୍ମାଣ । ମାତ୍ର ୩ଟି ଘର ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା । ସୂଚନା ଥାଉକି ନିକଟ ଅତୀତରେ ବେତନଟୀ ଗ୍ରାମ ପଂଚାୟତ ଓ ସଠୀଲୋ ଗ୍ରାମ ପଂଚାୟତ କୁ ମିଶାଇ ଏନ୍ଏସି ଘୋଷଣା ହେଇଛି । ଏବଂ ଏନ୍ ଏ ସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପାଇଁ ସମସ୍ତ ପ୍ରସ୍ତୁତିପର୍ବ ଶେଷ ହେବାକୁ ବସିଲାଣି । ଏହି ସମୟରେ ବେତନଟୀ ସରପଂଚ ତରବରିଆ ଭାବରେ ଗ୍ରାମ ପଂଚାୟତ ପାଣ୍ଠିକୁ ଏଣେ ତେଣେ ବିନିଯୋଗ କରି ସାରିବାକୁ ମସୁଧା କରୁଛନ୍ତି । ଏହି କ୍ରମରେ ବେତନଟୀ ରୁ ମାଣତ୍ରି ଯାଇଥିବ ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ଥିବା ଦଣ୍ଡପାଟ ସାହିରେ ମାତ୍ର ୩ଟି ଘର ପାଇଁ ଡ୍ରେନ ନିର୍ମାଣ କାମ ଆରମ୍ଭ ହୋଇଛି । ଏହି ଡ୍ରେନ ଟିରେ କେଉଁ ପଟୁ ପାଣି ପଶିବ ଓ କେଉଁ ପଟୁ ପାଣି ବାହାରିବ କେଉଁ ଆଡେ ଯିବ ତାହାର କିଛି ଠିକଣା ନାହିଁ । ଏହି ୩ଟି ଘର ମଧ୍ୟରୁ ଗୋଟିଏ ଘର ୱାର୍ଡ ମେମ୍ବରଙ୍କର ହୋଇ ଥିବାବେଳ ସେ ସରପଂଚ ତାଙ୍କୁ ଖୁସି କରିବାକୁ ଯାଇ ଏହି କାମ କରୁଥିବାର ଅଭିଯୋଗ ହୋଇଛି । ଏହି ସମ୍ପର୍କରେ ବେତନଟୀ ଗ୍ରାମ ପଂଚାୟତ ଦାୟିତ୍ୱରେ ଥିବା ଜେ ଇ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ସରପଂଚ ଓ ଗ୍ରାମ ପଂଚାୟତ ଦ୍ୱାରା ଯେଁଉଠି କାମ କରିବାକୁ କୁହାଗଲା ମୁଁ ସେହିଠାରେ ଲେଆଉଟ୍ ଦେଲି ତେଣୁ ଏ ସମ୍ପର୍କରେ ସରପଂଚ ଓ ପିଇଓଙ୍କୁ ପଚାରନ୍ତୁ ବୋଲି କହିଥିଲେ । ବେତନଟୀ ଗ୍ରାମ ପଂଚାୟତ ଦାୟିତ୍ୱ ରେ ଥିବା ପିଇଓ





ସନ୍ତୋଷ କୁମାର ପ୍ରଧାନଙ୍କୁ ପଚାରିବାରୁ ଏହି ପ୍ରୋପଜାଲ ସେଠାକାର ୱାର୍ଡ ମେମ୍ବରଙ୍କ ଦ୍ୱାରା ଦିଆଯାଇଥିଲା ତେଣୁ ଆମେ କଲୁ ବୋଲି କହିଥିଲେ । ଏହି ଦୁଇ ଅଧିକାରୀଙ୍କୁ ଡ୍ରେନ ପାଣି କେଉଁ ଆଡେ ନିଷ୍କାସନ ହେବ ପଚାରିବାରୁ ଏହି ପାଣି ପୂର୍ବରୁ ରାସ୍ତା ରେ ଥିବା ହୋମ ପାଇପ ଦେଇ ଅପର ପାର୍ଶ୍ୱରେ ଥିବା ପିଲାଙ୍କ ଖେଳ ପଡିଆକୁ ଯିବ ବୋଲି କହିଥିଲେ । ଏହି ପାଣି ରେ ଯଦି ଖେଳ ପଡିଆ ବୁଡି ଯାଏ ଉକ୍ତ ପଡିଆରେ ଖେଳ କୁଦ କରୁଥିବା କୁନି କୁନି ପିଲା ଓ ସେଠାରେ ଭଲି ବଲ ଖେଳୁଥିବା ଯୁବ ପିଢ଼ିଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଯିବି ମହଲରେ ଆଲୋଚନା ହେଉଛି । ତାସହିତ ଓଡ଼ିଶା ସରକାର ଙ୍କ ନିୟମ ମୁତାବକ ଯେକୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୁର୍ବରୁ ଲୋକଙ୍କ ଜାଣିବା ପାଇଁ ପ୍ରକଳ୍ପ ବାବଦରେ ସମ୍ପୁର୍ଣ୍ଣ ତଥ୍ୟ ସୂଚନା ଫଳକରେ ଲେଖା ଯିବା କଥା କିନ୍ତୁ ସେହି ଯାଗାରେ ଡ୍ରେନ ନିର୍ମାଣ କାମ ପ୍ରାୟ ଅଧା ସରିଲାଣି କିନ୍ତୁ ଏ ପର୍ଯ୍ୟନ୍ତ ସୂଚନା ଫଳକ ଲେଖା ହୋଇ ନାହିଁ ଏହା ସାଧାରଣ ରେ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ପୂର୍ବରୁ ପଲିସଭା ଓ ଗ୍ରାମ ସଭାରେ ଅଧିକ ଜନବସତି ଥିବା ଅଂଚଳର ଉନ୍ନତିକରଣ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେହି ପ୍ରସ୍ତାବକୁ ବେତନଟୀ ଗ୍ରାମ ପଂଚାୟତ ବେତନଟୀ ବ୍ଲକ ପକ୍ଷରୁ ଅଣଦେଖା କରାଯାଇ ଅଳ୍ପ ଘର ଥିବା ସ୍ଥାନରେ ଡ୍ରେନ ନିର୍ମାଣ କରାଯାଉଥିବାରୁ ତାହା ପ୍ରଶ୍ନ ବଚୀ ସୃଷ୍ଟି କରିଛି । ଅନ୍ୟ ପକ୍ଷରେ ଦେଖିଲେ ଏହି ଅଂଚଳ ଟି ଏନ୍ ଏ ସି ଅଂଚଳ ଭିତରେ ଯାଉ ଥିବାରୁ ନିକଟ ଭବିଷ୍ୟତ ରେ ଏନ୍ ଏ ସି ପକ୍ଷରୁ ଉନ୍ନତମାନର ଡ୍ରେନ ଓ ପାଣି ନିଷ୍କାସନ ହେବର ସମ୍ଭାବନା ରହିଛି ଦାୟିତ୍ୱରେ ଥିବା ଅଧିକାରୀ ମାନେ ଉଦ୍ଦେଶ୍ୟ ମୂଳକ ଭାବେ ଗ୍ରାମ ପଂଚାୟତର ଟଙ୍କାକୁ ଏହି ଠାରେ ବିନିଯୋଗ କରୁଛନ୍ତି ବୋଲି ଅଭିଯୋଗ ହୋଇଛି ।


**AFFIDAVIT**

By virtue of an affidavit sworn before Executive Magistrate, Balasore dated 15.10.2025 I, Nandini Hansda, aged about 35 years, W/o- Bapun Hansda of At- B.No. 117, Khaparapada, New Colony, Balasore, Ps- Sahadevkhunta, Po/Dist- Balasore declare that I have changed my daughter's name from Pana Hansda to Chandini Hansda. Henceforth, she shall be known as Chandini Hansda for all purposes.

**Sd/-**
**Nandini Hansda**

**AFFIDAVIT**

By virtue of an affidavit No. 1171 dtd. 13.02.2026 sworn before (Executive Magistrate) Balasore I Smt. Ananya Jena, W/o- Sri Bijay Kumar Jena of Vill- Bilaparia, Po- Kuruda, Ps- Sadar, Dist- Balasore declare that I have changed my name from Sabitri Panda to Smt. Ananya Jena. Henceforth, I always knew as Smt. Ananya Jena for all purposes.

**Sd/-**
**Smt. Ananya Jena**





ସମୟକୁ ସମ୍ମାନ ଦେଇ କାମ କରୁଥିବା ବ୍ୟକ୍ତି ଜଣକ ଜୀବନରେ ଯେ କୌଣସି କଠିନ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରେ ।

# ଆଜିକାଲି



ଯେ ହିଁ ସଂସ୍ପର୍ଶଜା ଭୋଗା, ଦୁଃଖଯୋନୟ ଏବ ତେ
ଆଦ୍ୟନ୍ତବନ୍ତଃ କୌନ୍ତେୟ, ନ ତେଷୁ ରମତେ ବୁଧଃ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ରୂପରସରେ ଜ୍ଞାନ ଆସକ୍ତ ହୁଏ ନାହିଁ । ଯେଉଁ ମାନେ ହୁଅନ୍ତି, ସେ ଅଜ୍ଞାନ ମୋହରେ ପଡ଼ି ରହନ୍ତି ।

## ନାରୀର ସଂସାର ଅସାର

ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୁଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ । ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି । ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତିତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ । ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ । ସନ୍ତାନ ପ୍ରତି ମା'ର ନିଃସର୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା । ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି । ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ । ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା । ଆର୍ଥିକ ଅବସ୍ଥା ଭଲ ନଥାଏ । ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ । ପୁଅଟି ଭଲ ପାଠ ପଢୁଥାଏ । ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ । ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ । ପୁଅକୁ ଖରାପ ଲାଗିଲା । ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି । ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ । ମା'ର ପରିଚୟ ଠାରୁ ଦୂରେଇ ଯିବ । ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା । ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ । ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା । ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି । ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା । ପଚାରି ପଚାରି ଗଲା । ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା । କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା । କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି । ଏ ଭିତରେ କିଛି ମାସ ଚାଲିଗଲା । କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ । କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି । ଘରେ ପହଂଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି । ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ । ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ । ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇ ପାରିଲା ନାହିଁ । ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ ।

# ମହିଳା ଦିବସର ଅଭିପ୍ରାୟ

◆ ନିରୁପମା ଭୂୟାଁ

ଆଜି ମହିଳାମାନଙ୍କୁ ରୋଷେଇ ଘରର କର୍ମୀ ଭାବରେ ହୀନ ଦୃଷ୍ଟିର ଦେଖାଯାଉଛି । ମହିଳା ମାନେ ଅଧ୍ୟୟନ କରିପାରିବେ, ଚାକିରୀ କରିପାରିବେ, କିନ୍ତୁ ସେମାନେ ନିଜର ଘରକରଣା ସମ୍ବନ୍ଧୀୟ କର୍ତ୍ତବ୍ୟର ଅବହେଳା କରିବା ଉଚିତ ନୁହେଁ । ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଫିସ ଯାଆନ୍ତି, ତେବେ ଘରର ଦାୟିତ୍ୱ କିଏ ବୁଝିବ ? ଯଦି ମହିଳା ମାନେ ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲ ଯାଆନ୍ତି ତେବେ ସେମାନଙ୍କ ନିଜ ପିଲା ମାନଙ୍କୁ କିଏ ଶିକ୍ଷା ଦେବ ? ମାତା ମାନେ ସେମାନଙ୍କ ପିଲା ମାନଙ୍କର କଲ୍ୟାଣ ପାଇଁ ଦାୟୀ । ସେମାନେ ନିଜର ପିଲାମାନଙ୍କୁ ଆଧ୍ୟାତ୍ମିକ ବାଟ ମଧ୍ୟ ଦେଖାନ୍ତି । ତେଣୁ ନିଜର ମାତାଙ୍କୁ କଦାପି ଭୁଲି ଯାଅ ନାହିଁ । ଏହି ପ୍ରସଙ୍ଗରେ ଏକ ଆଦର୍ଶ ସ୍ଥାପନ କରିବା ପାଇଁ ଶ୍ରୀ ସତ୍ୟସାଇ ବାବା ତାଙ୍କ ଜନ୍ମ ଦିନରେ ତାଙ୍କ ପିତାମାତାଙ୍କ ସମାଧିକୁ ଯାଇଥାନ୍ତି । ଏପରି କି ସ୍ୱୟଂ ଭଗବାନ ଶ୍ରୀସତ୍ୟ ସାଇବାବା ମଧ୍ୟ ଏପରି ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ବୋଲି ଏହି ଉତମ ଭାବନା ଲୋକମାନଙ୍କ ହୃଦୟରେ ବପନ କରିବା ପାଇଁ ସେ କରିଥାନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜର ମାତାଙ୍କୁ ଆଦର ସମ୍ମାନ, ପୂଜା ଓ ପ୍ରେମ କରିବା ଉଚିତ । ମାତାଙ୍କ ପ୍ରତି ଆଦର ଓ ପ୍ରେମ ବିକଶିତ କରିବା ପାଇଁ ଭଗବାନ ବାବା ମହିଳା ଦିବସ ଆରମ୍ଭ କରିଛନ୍ତି । ପ୍ରତି ମାସର ୧୯ ତାରିଖରେ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ତାଙ୍କର ସମସ୍ତ ଶାଖା ଅନୁଷ୍ଠାନରେ ମହିଳା ଦିବସ ପାଳନ କରିଥାନ୍ତି । ପରିସ୍ଥିତି ଭଲ ବା ମନ୍ଦ ଯାହା ହେଉ ନା କାହିଁକି ଆମର ମାତାଙ୍କୁ ଭୁଲି ଯିବା ଉଚିତ ନୁହେଁ । କଳିଯୁଗର ପ୍ରଭାବ ଯୋଗୁଁ ଲୋକମାନେ ସେମାନଙ୍କର ମାଆ ମାନଙ୍କୁ କେବଳ ରୋଷେଇଆ ଭାବରେ ଦେଖୁଛନ୍ତି । କେବଳ ସେତିକି ନୁହେଁ ସେମାନଙ୍କୁ ଚାକର ସ୍ତରକୁ ଖସାଇ ଦିଆଯାଇଛି । ଆଜି ମଣିଷ ଉପରେ ଏହି ଦୁର୍ଭାଗ୍ୟ ପଡ଼ିଛି । ଭିକ୍ଷୁକ ଘରକୁ ଆସି ଡାକ ପକାଏ, 'ଭବତ୍ି ଭିକ୍ଷାଂ ଦେହି' । ସେ ସତର୍କ କରାଇ ଦିଏ, 'ହେ ଗୃହସ୍ଥ ଓ ଗୃହିଣୀ, ପୂର୍ବ ଜନ୍ମରେ ମୁଁ ଭିକାରୀକୁ ଭିକ' ଦେଇ ନଥିଲି । ଫଳରେ ମୁଁ ଆଜି ତୁମ ଦ୍ୱାର ଦେଶରେ ଭିକ ମାଗିବାକୁ ଠିଆ ହୋଇଛି । ସେହି ଭୁଲ କର ନାହିଁ । ମୁଁ ତିନି ଜନ୍ମ ଧରି ଭିକାରୀ ହୋଇଛି । ପୂର୍ବ ଜନ୍ମରେ ମୁଁ ଭିକାରୀ ମାନଙ୍କୁ ଭିକ ଦେଇ ନଥିଲି । ଏହି ଜନ୍ମରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବା ଯୋଗୁଁ ମୁଁ କିଛି ଦାନ ଦେଇପାରୁ ନାହିଁ । ଫଳରେ ପର ଜନ୍ମରେ ମୁଁ ପୁଣି ଭିକାରୀ ହେବି । ସାବଧାନ ସେ କାହାକୁ ଭିକ୍ଷା ମାଗୁଛି ? ସେ କହେ, 'ଭିକ୍ଷାଂ ଦେହି' । 'ଦେହି' ଅନ୍ତର୍ବାସୀଙ୍କୁ ସୂଚିତ କରେ । ପଂଚମହାଭୂତରେ ଗଠିତ ଏହି ଶରୀର ଦିନେ ନା ଦିନେ ନଷ୍ଟ ହୋଇଯିବ । ଅନ୍ତର୍ବାସୀଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ ଏବଂ କୌଣସି ପ୍ରକାର ଆସକ୍ତି ନାହିଁ । ପ୍ରକୃତରେ କହିବାକୁ କଲେ ଅନ୍ତର୍ବାସୀଙ୍କ ହେଉଛନ୍ତି ସ୍ୱୟଂ ଭଗବାନ । ତେଣୁ ଭିକ୍ଷୁକ ଅନ୍ତର୍ବାସୀଙ୍କୁ ସମ୍ବୋଧନ କରେ, ଗୃହସ୍ଥ ବା ଗୃହିଣୀଙ୍କୁ ନୁହେଁ । ସେ ଭଗବାନଙ୍କ ଠାରୁ ଭିକ୍ଷା ମାଗେ । ସମସ୍ତଙ୍କୁ ଭଗବାନଙ୍କ ଠାରୁ ଭିକ୍ଷା ମାଗିବାକୁ ପଡ଼ିବ । ଭଗବାନ ଆମକୁ ସବୁ ପ୍ରକାର ଭିକ୍ଷା ଦେଇପାରିବେ - ଟଙ୍କା, ଶିକ୍ଷା, ଜ୍ଞାନ, ବୁଦ୍ଧି ଇତ୍ୟାଦି । ଆମେ ଭଗବାନଙ୍କ ଠାରୁ ଯାହା ପାଇଛେ ତାହା ସମସ୍ତଙ୍କୁ ବିତରଣ କରିବା ଉଚିତ । ଆମେ ଆମର ଧନ ଓ ଜ୍ଞାନ ଅନ୍ୟମାନଙ୍କୁ ବିତରଣ କଲେ ହିଁ ଏହା ସର୍ବଦା ଆମ ପାଖରେ ରହିବ । ତ୍ୟାଗ ମଣିଷ ପାଇଁ ଅତି ଆବଶ୍ୟକ । ଏହା ଅମରତ୍ୱ ଆଡ଼କୁ ପାହାଚ ଅଟେ ।ମାତା ନିଜର ସନ୍ତାନମାନଙ୍କ ପାଇଁ ନିଜର ଜୀବନ ମଧ୍ୟ ତ୍ୟାଗ କରିବାକୁ ପ୍ରସ୍ତୁତ । ସେଥିପାଇଁ ଏହି ଭାରତ ବର୍ଷରେ ମାତାଙ୍କୁ ଏପରି ଉଚ୍ଚ ସ୍ଥାନ ଦିଆଯାଇଛି । ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ବୋଲି ଶ୍ରୀରାମ କହିଥିଲେ । ରାମଙ୍କର ଏହି ଆଦର୍ଶ ଆଜି ବିସ୍ମୃତ



ହୋଇଯାଇଛି । କେବଳ ରାମ ନାମ ଜପ କରିବା ଯଥେଷ୍ଟ ନୁହେଁ । ଆମେ ତାଙ୍କର ଆଦେଶ ଅନୁସରଣ କଲେ ହିଁ ପ୍ରକୃତ ଭକ୍ତ ବୋଲାଇପାରିବ । ନିଜର ମାତାଙ୍କୁ ଭକ୍ତି ଓ ପ୍ରେମ କରିବା ଉଚିତ ଏବଂ କଦାପି ତାଙ୍କ ଭାବନାକୁ ଆଘାତ ଦେବା ଉଚିତ ନୁହେଁ, ଏହା ମହିଳା ଦିବସ ସ୍ମରଣ କରାଏ । ଶଙ୍କରାଚାର୍ଯ୍ୟ ତାଙ୍କ ଆଶ୍ରମରେ ଦୁଇ ଜଣ ପ୍ରହରୀ ନିଯୁକ୍ତି କରିଥିଲେ । ସେମାନେ 'ତସ୍ମାତ୍ ଜାଗ୍ରତ ଜାଗ୍ରତ' କହି ଚାରିପଟେ ବୁଲୁଥିଲେ । ଥରେ ଏପରି ହେଲା ଯେ ଶଙ୍କରାଚାର୍ଯ୍ୟ ତାଙ୍କ ମଠରୁ ଭୌତିକ ଉପଲବ୍ଧି ଓ ଧନସଂପତ୍ତି ବିଷୟରେ ଚିନ୍ତା କରୁଥିଲେ । ସେ ଦ୍ୱାରଦେଶରେ ପହଂଚିବା ବେଳକୁ ପ୍ରହରୀମାନଙ୍କୁ 'ତସ୍ମାତ୍ ଜାଗ୍ରତ ଜାଗ୍ରତ' ଆବୃତି କରୁଥିବାର ଶୁଣିଲେ । ଏହା ତାଙ୍କୁ ନିଜର ଦୋଷ ଉପଲବ୍ଧି କରାଇ ଥିଲେ । ତାପରେ ସେ କହିଲେ 'ଜନ୍ମ ଦୁଃଖଂ ଜରା ଦୁଃଖଂ ଜୟ ଦୁଃଖଂ ପୁନଃ ପୁନଃ । ଅନ୍ତକାଳେ ମହାଦୁଃଖଂ ତସ୍ମାତ୍ ଜାଗ୍ରତ ଜାଗ୍ରତ ।' କୌଣସି ପ୍ରକାରେ ଆମର ମାତାଙ୍କୁ ଆଘାତ କରିବା ନାହିଁ । ଆମେ କହୁଛ, ସ୍ୱାମୀଙ୍କ ପ୍ରେମ ହଜାର ହଜାର ମାତାଙ୍କ ପ୍ରେମ ସହିତ ସମାନ । ଆମେ ଯେତେବେଳେ ଜଣେ ମାତାଙ୍କର ସ୍ନେହକୁ ହୃଦୟଙ୍ଗମ ଓ ଅନୁଭବ କରି ପାରୁନାହଁ ତେବେ ଆମେ ହଜାରେ ମାତାଙ୍କ ପ୍ରେମକୁ କିପରି ବୁଝି ପାରିବା ? ଆମେ ଯଦି ଆମ ମାତାଙ୍କୁ ଆନନ୍ଦ ଦେଇ ପାରୁନାହିଁ, ତେବେ ଆମେ ସ୍ୱାମୀଙ୍କୁ କିପରି ଆନନ୍ଦ ଦେବା ? ଆମ ମାତାଙ୍କୁ ଆମେ ଆନନ୍ଦ ଦେଲେ ସ୍ୱାମୀ ଆନନ୍ଦିତ ହେବେ । ସ୍ୱାମୀ କିଛି ଚାହାନ୍ତି ନାହିଁ । ଅନେକ ଲୋକ ବାବାଙ୍କ ସୁଖକର ଜନ୍ମଦିନ କାମନା କରିଥାନ୍ତି । ନିଜର ପିତାମାତା, ବନ୍ଧୁବାନ୍ଧବ ମାନଙ୍କୁ ସୁଖ ଦିଅ । ଭଗବାନ ପରମାନନ୍ଦ ଓ ଜ୍ଞାନର ସ୍ୱରୂପ, ଅଦ୍ୱୈତ, ଅଦ୍ୱିତୀୟ, ଶାଶ୍ୱତ, ଶୁଦ୍ଧ, ମନ ଓ ତିନିଗୁଣର ଅତୀତ । ଆମେ ତାଙ୍କ ପାଇଁ କିପରି ଆନନ୍ଦ କାମନା କରି ପାରିବା ? ବାବା ବହୁ ସମୟରେ ଛାତ୍ରମାନଙ୍କୁ କହିଥାନ୍ତି, 'ଆନନ୍ଦ ହେଉଛି ଭଗବାନଙ୍କ ସହିତ ମିଳନ ।' ପିତାମାତାଙ୍କୁ ଆଦର କଲେ ଭଗବାନ ଖୁସି ହୁଅନ୍ତି ବାବାଙ୍କର କିଛି କାମନା ନାହିଁ । ତୁମେ ଖୁସି ଓ ତୁମର ପିତାମାତାଙ୍କର ଖୁସିରେ ଆନନ୍ଦ ନିହିତ । ପିତାମାତାଙ୍କୁ ଭକ୍ତି ଓ ଉପାସନା କର । ପିତାମାତାଙ୍କର ଖୁସିରେ ଆମର କଲ୍ୟାଣ ନିହିତ । ଯେଉଁମାନେ ନିଜର ପିତାମାତାଙ୍କୁ ଖୁସି କରନ୍ତି ଭଗବାନ ସେମାନଙ୍କ ଉପରେ ନିଜର କରୁଣା ଢ଼ାଳି ଦିଅନ୍ତ । ଆମେ ଆମର ପିଲାମାନଙ୍କ ଠାରୁ ଯେଉଁ ଆଦର ଓ ପ୍ରେମ ପାଉଛ ତାହା ଆମେ ଆମର ପିତାମାତାଙ୍କୁ ଦେଖା ଯାଉଥିବା ଆଦର ଓ ପ୍ରେମ ଉପରେ ନିର୍ଭର କରେ । ଆମେ କେବେ ବିଶ୍ୱ ବିରାଟ ସ୍ୱରୂପ ଦମନ କରିଛେ କି ଯାହାକି ପୃଥିବୀ, ଜଳ, ଆକାଶ ଆଦି ଏହି ଭିତରେ ଦେଖିହେବ । ବ୍ରହ୍ମାଣ୍ଡ ପଂଚଭୂତରେ ଗଢ଼ା ଏବଂ ସେହି ପଂଚଭୂତ ଆମ ମାନଙ୍କ ଭିତରେ ଅଛି । ତେଣୁ ଆମ୍ଭେମାନେ ମଧ୍ୟ ବିଶ୍ୱବିରାଟ ସ୍ୱରୂପ । ଭଗବାନ ଆମ ଭିତରେ ଓ ପ୍ରତ୍ୟେକଙ୍କ ଭିତରେ ଅଛନ୍ତି । ତେଣୁ ଅନ୍ୟମାନଙ୍କୁ ଆଘାତ କରିବା ଭଗବାନଙ୍କୁ ଆଘାତ କରିବା ସହିତ ସମାନ । ଅନ୍ୟ ମାନଙ୍କର ସମାଲୋଚନା ଓ ଦର୍ଶନ କରିବାନାହିଁ । ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କର ସେବା କରିବା । ଆମର ପିତାମାତାଙ୍କର ଆଦର, ସମ୍ମାନ ଓ ଉପାସନା କରିବା । ସେମାନେ ହିଁ ଆମ ଜୀବନର ପ୍ରକୃତ ସଂପତି । ଆମ୍ଭ ପିତାମାତାଙ୍କର ଆଶୀର୍ବାଦ ଆମକୁ ସ୍ୱାସ୍ଥ୍ୟ ଓ ସଂପଦ ପ୍ରଦାନ କରିବ । ଆମେ ଆମର ପିତାମାତାଙ୍କୁ ଭକ୍ତି ଓ ସେବା କଲେ ଭଗବାନ ଆପେ ଆପେ ଆମ ନିକଟକୁ ଆସିବେ । ପୁଣ୍ଡରୀକ ପ୍ରତିଦିନ ଶ୍ରୀ ପାଣ୍ଡୁରଙ୍ଗ ମନ୍ଦିରକୁ ଯାଉଥିଲା । ଦିନେ ସେ ତାର ପିତାମାତାଙ୍କ ସେବାରେ ଏତେ ନିମଗ୍ନ ହୋଇ ପଡ଼ିଲା ଯେ ସେ ମନ୍ଦିରକୁ ଯାଇପାରିଲା ନାହିଁ । ତେଣୁ ପ୍ରଭୁ ପାଣ୍ଡୁରଙ୍ଗ ନିଜେ ପୁଣ୍ଡରିକ ପାଖକୁ ଆସିଲେ । ସେତେବେଳେ ପୁଣ୍ଡରୀକ ତା ପିତାମାତାଙ୍କ ଗୋଡ଼ ମୋଡି ଦେଉ ଥିଲା । ପୁଣ୍ଡରୀକ ପିତାମାତାଙ୍କ ସେବାରେ ବ୍ୟସ୍ତ ଥିବାରୁ ସେ ପ୍ରଭୁ ପାଣ୍ଡୁରଙ୍ଗଙ୍କୁ ଟିକିଏ ଅପେକ୍ଷା କରିବାକୁ କହିଲା । ଏହା କହି ସେ ଇଟାଖଣ୍ଡିଏ ପ୍ରଭୁଙ୍କ ପାଖକୁ ବଢ଼ାଇ ଦେଲା । କାରଣ ସେ କାଳରେ ଚୌକି ବା ସୋଫା ନଥିଲା । ପିତାମାତାଙ୍କ ସେବା କରି ସାରିବା ପରେ ପୁଣ୍ଡରୀକ ପ୍ରଭୁ ପାଣ୍ଡୁରଙ୍ଗାଙ୍କର ଯୋଗ୍ୟ ଉପାସନା କଲା । ପିତାମାତାଙ୍କ ପ୍ରତି ତାର ଭକ୍ତି ଭାବ ଦେଖି ପ୍ରଭୁ ଅତିଶୟ ପ୍ରୀତ ହୋଇଥିଲେ ଏବଂ ତାକୁ ଆଶୀର୍ବାଦ କରି କହିଥିଲେ, 'ତୁମର ଆଚରଣ□ମ ହେଲେ ଭଗବାନ ଆପେ ଆପେ ତୁମ ପାଖକୁ ଆସିବେ । ପିତାମାତାଙ୍କ ସେବାଠାରୁ ବଳି ବଡ଼ ସେବା ଆଉ କିଛି ନାହିଁ । ପିତାମାତାଙ୍କ ସେବାକୁ ଭଗବତ୍ ସେବା ବୋଲି ଭାବ' । ଆମେ ଭଗବାନଙ୍କ ନିକଟକୁ ଯିବା ଦରକାର ନାହିଁ, କିନ୍ତୁ ଭଗବାନଙ୍କୁ ଆମ ପାଖକୁ ଆସିବାକୁ ଦେବା ଉଚିତ । ଜଣେ ନିଜର ସ୍ତ୍ରୀକୁ ବାଛିପାରେ, କିନ୍ତୁ ନିଜର ପିତାମାତାଙ୍କୁ ନୁହେଁ । କେବଳ ଭଗବାନ ନିଜର ପିତାମାତାଙ୍କୁ ବାଛି ଥାଆନ୍ତି । ମୁଁ ଚାହୁଁଛି ଯେ ତୁମେମାନେ ତୁମର ପିତାମାତାଙ୍କର ଆଶୀର୍ବାଦ ଲାଭ କର ଏବଂ ସମଗ୍ର ପୃଥିବୀ ପାଇଁ ଆଦର୍ଶ ସ୍ଥାପନ କର ।ଆଜିର ସମୟରେ ଅନେକ ପିତାମାତା ସେମାନଙ୍କର ନ୍ୟାଯ୍ୟ ସମ୍ମାନ ପାଉ ନାହାଁନ୍ତି । କେବଳ ଦରକାର ସେମାନଙ୍କୁ ପଚରାଯାଉଛି ଓ ଅନ୍ୟ ସମୟରେ ସେମାନଙ୍କୁ ଅବହେଳା କରାଯାଉଛି । ଆଜି ପୃଥିବୀରେ ଏପରି ଅନେକ ଛାତ୍ର ଅଛନ୍ତି । ସେମାନେ ବିଦେଶକୁ ଯିବାମାତ୍ରେ ସେମାନଙ୍କର ପିତାମାତାଙ୍କୁ ଭୁଲି ଯାଆନ୍ତି । ଭଗବାନଙ୍କୁ କ'ଣ ଭଲ ଲାଗେ ତାହା ଆମ୍ଭେମାନେ ପଚାରିବା ଦରକାର ନାହିଁ । ପିତାମାତାଙ୍କର ସନ୍ତୋଷ ହିଁ ବାବାଙ୍କୁ ଆନନ୍ଦ ଦେଇ ଥାଏ । ଆମ୍ଭେମାନେ ଯେତେ ବେଳେ ଆମ୍ଭମାନଙ୍କର ପିତାମାତାଙ୍କୁ ସୁଖ ଦେଇଥାଉ ତାହା ବାବାଙ୍କୁ ଖୁସି ଦେଇଥାଏ । ନିଜର ପିତାମାତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିବା ବଡ଼ଧର୍ମ । ଆମ୍ଭ ମାନଙ୍କର ପିତାମାତା ଯଦି ଆମ କଥାରେ ସନ୍ତୁଷ୍ଟ ନ ହେଉଛନ୍ତି ତେବେ ସେମାନଙ୍କୁ ଆମ କଥାର ଯଥାର୍ଥ ବୁଝାଇ ଦେବା ଉଚିତ । ସେମାନଙ୍କୁ ରୁକ୍ଷ ଭାବରେ କହିଲେ ତାହା ଆମର କଥା ବୁଝାଇବାରେ ସହାୟକ ହେବ ନାହିଁ । ଶାନ୍ତିର ସହ ଓ ସେମାନଙ୍କୁ ଧୈର୍ଯ୍ୟର ସହିତ ଶୁଣିବା । ତାହାହେଲେ ହିଁ ଆମେ ସେମାନଙ୍କୁ ବୁଝାଇବାକୁ ସକ୍ଷମ ହେବା । ପବିତ୍ର ଭାବ ବପନ କରିବାକୁ ଚେଷ୍ଟା କରିବା । ତାହେଲେ ହିଁ ଏହି ସଂସ୍ଥାନ ରେ ଆମର ଅଧ୍ୟୟନ ଫଳପ୍ରଦ ହେବ ।

*ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା)*
*ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,*
*କେନ୍ଦ୍ରାପଡ଼ା ଜିଲ୍ଲା, ପଳାଇ*
*ବାଲିଚନ୍ଦ୍ରପୁର, ଯାଜପୁର, :*
*୯୯୩୭୪୭୦୯୮୦*

# ବିଶ୍ୱନାଥ ଦାସ



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ଥିଲେ ଗଞ୍ଜାମର ବିଶ୍ୱନାଥ ଦାସ । ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ସରକାରୀ ଚାକିରି ପ୍ରତି ତାଙ୍କର ମୋହ ନଥିଲା । ସେ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା ମଣିଷ । ମଧୁବାବୁଙ୍କ ବଳିଷ୍ଠ ନେତୃତ୍ୱ ଓ ଦେଶପ୍ରୀତି ଏବଂ ଗୋପବନ୍ଧୁଙ୍କ ଜନସେବା ତାଙ୍କୁ

## ଜୟନ୍ତୀ ଅବସରରେ

ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ଆଇନ ବ୍ୟବସାୟ ଛାଡ଼ି କଂଗ୍ରେସ ଆନ୍ଦୋଳନରେ ସାମିଲ ହୋଇ ଥିଲେ । ଇଂରେଜ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି ଦଣ୍ଡ ଭୋଗିଥିଲେ । ସେ ଥିଲେ ଓଡ଼ିଶାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ । ଦାୟିତ୍ୱରେ ଥିବା ବେଳେ ଇଂରେଜ ସରକାରଙ୍କ ଅନ୍ୟାୟ ହସ୍ତକ୍ଷେପର ପ୍ରତିବାଦ କରୁଥିଲେ । ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନଥିଲେ । ଜଣେ ଦକ୍ଷ ପ୍ରଶାସକ ହେବାର ଗୌରବ ଅର୍ଜନ କରିଥିଲେ । ଓଡ଼ିଶାରେ ମୌଳିକ ଶିକ୍ଷାର ପ୍ରବର୍ତ୍ତନ କରାଇଥିଲେ । କୃଷକ ଆନ୍ଦୋଳନକୁ ସେ ଉତ୍ସାହିତ କରିଥିଲେ । ୧୯୬୨ରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ସେ ଦ୍ୱିତୀୟ ଓଡ଼ିଆ ରାଜ୍ୟପାଳ । ୧୯୭୧ ନିର୍ବାଚନରେ ରାଜ୍ୟ ବିଧାନସଭାରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ମିଳିତ ମନ୍ତ୍ରିମଣ୍ଡଳର ନେତୃତ୍ୱ ନେବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା । ନିର୍ବାଚନ ନ ଲଢ଼ି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ବିଶ୍ୱନାଥ ଥିଲେ ଖାଂଟି ସ୍ୱଦେଶୀ । ଖଦି ପିନ୍ଧୁଥିଲେ । ଉନ୍ନତ ଆଦର୍ଶ, ଶୁଦ୍ଧ ଚିନ୍ତା ଚେତନା, ବୁଦ୍ଧି ଓ ବିଚକ୍ଷଣତାର ପରିଚୟ ଦେଇଥିଲେ । ୧୮୮୯ ମାର୍ଚ୍ଚ ଆଜିର ଦିନରେ ପୋଲସରା ନିକଟବର୍ତ୍ତୀ ବେଲଗାଁରେ ଜନ୍ମ ହୋଇଥିଲେ ରାଜନେତା ବିଶ୍ୱନାଥ ଦାସ ।

# ଦୋଳ ପରେ ପଂଚ ଦୋଳ




ଦୋଳ ଜଟଣୀ ନିକଟ ହରିରାଜପୁର ଗ୍ରାମରେ ପାଳିତ ହେଉଥିବା ଶ୍ରୀ ପଞ୍ଚିମାଶମ୍ଭୁ ସୋମନାଥଦେବଙ୍କ ପଂଚଦୋଳ ମେଲଣ ଏକ ନିଆରା ଉତ୍ସବ । ଦୋଳ ପୂର୍ଣ୍ଣିମା ଗତେ ୫ମ ଦିବସର ମଧ୍ୟରାତ୍ରିରେ ଏହା ମହାସମାରୋହରେ ପାଳିତ ହୋଇଥାଏ । କିମ୍ବଦନ୍ତୀ କହେ, ଗଜପତି ମହାରାଜ ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ୧୫ ବର୍ଷ ସୁଖଶାନ୍ତିରେ ଅତିବାହିତ ହୋଇଥିବାରୁ ୧୬୩୬ ଖ୍ରୀଷ୍ଟାବ୍ଦରେ ଚୈତ୍ର ଶୁକ୍ଳପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବସନ୍ତରାସ ଅନୁଷ୍ଠିତ ହୋଇଥିଲା । ଏହାଦେଖି ହରିରାଜପୁର ଗ୍ରାମର ଗୋବର୍ଦ୍ଧନ ଦାସ ଓ ନିତେଇ ସାହୁ ଗାଁକୁ ଫେରିବା ବାଟରେ ପଞ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଏକ ପଂଚଦୋଳ ମେଲଣ କରିବାକୁ ମନସ୍ଥ କରିଥିଲେ । ସେହି ଅନୁଯାୟୀ ସେମାନେ ମହାପ୍ରଭୁଙ୍କ ବସନ୍ତରାସର ଗୋଟିଏ ବର୍ଷ ପରେ ୧୬୩୭ ଖ୍ରୀଷ୍ଟାବ୍ଦ ଚୈତ୍ର କୃଷ୍ଣପକ୍ଷ ପଂଚମୀ ତିଥିରେ ପଞ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ସନ୍ନିକଟ ପଡ଼ିଆରେ ଏହି ମେଲଣକୁ ଆୟୋଜନ କରିବାକୁ ଉଦ୍ୟମ ଆରମ୍ଭ କଲେ । ଗ୍ରାମବାସୀଙ୍କ ଠାରୁ ମୁଠି ଚାଉଳ ସଂଗ୍ରହ କରାଯାଇ ଏହାର ବିକ୍ରିଲବ୍ଧ ଅର୍ଥରେ ନିକଟବର୍ତ୍ତୀ ଭଁସର ଗ୍ରାମର ପ୍ରଭୁ ନୀଳକଣ୍ଠେଶ୍ୱର, କନ୍ତିଆର ବାଲୁଙ୍କେଶ୍ୱର, କୁଶମାଟିର ଗତିଶ୍ୱର ଓ ବୁଢ଼ାପଡ଼ାର ସୋମନାଥ ଦେବଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେବେଠାରୁ ହିଁ ପଞ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଏହି ନିଆରା ପଂଚଦୋଳ ମେଲଣ ଆରମ୍ଭ ହୋଇଥିଲା ବୋଲି ଐତିହାସିକ ସ୍ୱର୍ଗତ ଦିବ୍ୟସିଂହ ଚମୁପତିଙ୍କ ପୁସ୍ତକରେ ଲିଖିତ ରହିଥିବା ମେଲଣ ପରିଚାଳନା ପରିଷଦ ସଂଯୋଜକ ପ୍ରସନ୍ନ ମହାରଥୀ କହିଛନ୍ତି । ପ୍ରଥମ ଦିନକୁ ଜମାଣ ରାତ୍ର କୁହାଯାଉଥିବାବେଳେ ବିଧିବଦ୍ଧ ଦିନରେ ଠାକୁର ମେଲଣ ଉତ୍ସବ ଅନୁଷ୍ଠିତ ହେବ । ଭଣ୍ଡାର ଘରୁ କୋଠଭୋଗ ଆସିବାପରେ ସ୍ଥାନାଧିପତି ପଞ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ରାତ୍ରିରେ ମନ୍ଦିରରୁ ବାହାରିବେ । ବାଟ ଅଗଣାରେ ଠାକୁରଙ୍କ ନିକଟରେ କୋଠଭୋଗ ଲାଗି କରାଯିବ । ଏହାପରେ ଠାକୁର ଦୋଳ ବିମାନରେ ବିଜେ କରି ପଶ୍ଚିମଦ୍ୱାର ଦେଇ ଏକ ବିରାଟ ପଟୁଆର ମାଧ୍ୟମରେ ମେଲଣ ପଡ଼ିଆକୁ ବିଜେ କରିବେ । ପଟୁଆରରେ ବାହାରିବା ସମୟରେ ବାଟରେ ଶ୍ରୀଗୋପାଳ ଜୀ ଓ ଶ୍ରୀ ବାଳମୁକୁନ୍ଦ ଦେବ ପାଲିଙ୍କିରେ ସ୍ଥାନାଧିପତିଙ୍କ ସହିତ ସାମିଲ ହେବାର ପରମ୍ପରା ରହିଛି । ଅପରପକ୍ଷେ ଶୋଭାଯାତ୍ରା ବେଳେ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗର କଳରଙ୍ଗ, ବାଦ୍ୟ, ରୋଶଣି, ଘଂଟ, ତୁରୀ, ଶଙ୍ଖନାଦ, ନାଗା ନାଚ, ପଚ୍ଚାଖେଳ, ସଖୀ ଓ ରାଜାରାଣୀ ନାଚରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇପଡ଼େ । ମେଲଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୭୭ ହରିହର ବିଗ୍ରହଙ୍କୁ ଭକ୍ତମାନେ ଦର୍ଶନ କରି ଆଶୀର୍ବାଦ ଲୋଡିଥାଆନ୍ତି । ୪ଦିନର ରହଣି ମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରୁ ଲକ୍ଷାଧିକ ଭକ୍ତ ଛୁଟିଆସନ୍ତି । ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଦୈନିକ ହଜାର ହଜାର ଭକ୍ତ ଠାକୁର ମାନଙ୍କୁ ଫଗୁ ସଂଚନ କରି ଭୋଗ ଲାଗି କରିଥାଆନ୍ତି । ମୁଖ୍ୟତଃ ଜମାଣ ରାତ୍ରରେ ହେଉଥିବା ଆତସବାଜି ପ୍ରଦର୍ଶନ ବେଶ୍ ଚିତାକର୍ଷକ ହୋଇଥାଏ । ବିଭିନ୍ନ ଅଂଚଳରୁ ଆସିଥିବା ପ୍ରଖ୍ୟାତ ବାଣକାରମାନଙ୍କ ସହ ମାନସିକ ପୂରଣ ହୋଇଥିବା ଅନେକ ଭକ୍ତ ଏଠାରେ ରାତିତମାମ ଅନିଦ୍ରା ରହି ବାଣ ଫୁଟାନ୍ତି, ଯାହା ଅତ୍ୟନ୍ତ ବିରଳ । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ପର୍ବ କୁହାଯାଉ ଥିବା ଏହି ପଂଚଦୋଳ ମେଲଣ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କେତେଜଣ ଐତିହାସିକ ମତ ରଖୁଥିବାବେଳେ ଏହାର କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସମୟ ଥିବା ଜଣାପଡ଼ିନାହିଁ ।

# 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ....'

◆ ଶ୍ୟାମ ସୁନ୍ଦର ସାମଲ

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର । ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି । ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଘରଣୀ ହିଁ ଘରର ସୁନାମ ପଛରେ ଥାଏ । ନାରୀ ତ୍ୟାଗସ୍ୱରୂପିଣୀ ଅଟେ । ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ । ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା ।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇ ପାରିଛନ୍ତି । ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି । ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ । ନାରୀ ବିନା ସଂସାର କଳ୍ପନା ବୃଥା । ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା । ନର, ନାରୀ ଏକ ରଥର ଦୁଇ ଚକ । ଏକ ଶରୀରର ଦୁଇପାଦ । ଏକ ମୁଖର ଦୁଇ ନେତ୍ର । ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ । ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋ ପତ୍ନୀକଃ ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ । ଓଡ଼ିଶାର



ଆଧ୍ୟାତ୍ମିକ ଓ ସାମାଜିକ ତଥା ସମାଜ ସେବା କ୍ଷେତ୍ରରେ ବନ୍ଦନୀୟା ମହିଳା ମାନଙ୍କ ନାମ ସ୍ମରଣ କଲାଭିତରେ ସର୍ବାଗ୍ରେ ଆସିବେ ବହୁଦରଡାର ସ୍ୱର୍ଗତଃ ଶୈଳବାଳା ସାମଲ । ବିଶିଷ୍ଟ ଶିକ୍ଷାବିତ୍ ତଥା କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ ଚିନିଦାର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କ ସେ ସହଧର୍ମିଣୀ । ଜଣେ ବିଶିଷ୍ଟ ସ୍ଥପତି ସ୍ୱର୍ଗତଃ ସୁରେନ୍ଦ୍ରନାଥ ବେଉରା ଓ ସ୍ୱର୍ଗତଃ ଲକ୍ଷ୍ମୀଦେବୀଙ୍କ କୋଳମଣ୍ଡନ କରିଥିବା ଶୈଳବାଳା ଦେବୀ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ । ଭଦ୍ରକର ବିଶିଷ୍ଟ ଖାନଦାନୀ ସାମଲ ଯୌଥ ପରିବାରର ସ୍ୱର୍ଗତଃ ମହେନ୍ଦ୍ର ପ୍ରସାଦ ସାମଲଙ୍କ ବଡ଼ବୋହୂ ଭାବେ ସେ ପାଣିଗ୍ରହଣ ପରେ ନିଜର ନୂଆ ଜୀବନ ଅତିବାହିତ କରିଛନ୍ତି । ତାଙ୍କର ଚାରି ଝିଅ ଓ ଏକ ପୁଅ ସମସ୍ତେ ପ୍ରତିଷ୍ଠିତ । ଗତବର୍ଷ ମାର୍ଚ୍ଚ ୫ ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା ଏବଂ ଚଳିତ ବର୍ଷ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ତିନିଦିନ ବ୍ୟାପୀ ସୂର୍ଯ୍ୟପୂଜା, ଘଟପୂଜା, ବାସ୍ତୁପୂଜା ଓ ସମ୍ପୂର୍ଣ୍ଣ ଚଣ୍ଡୀପୂଜା ଯଜ୍ଞ ସହ ଅସ୍ଥି ବିସର୍ଜନ, ସମାଜ ସେବା କାର୍ଯ୍ୟକ୍ରମ, ପ୍ରସାଦ ସେବନ ବ୍ୟବସ୍ଥା ରହିଛି । ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ । ନାରୀ ମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି । ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀ ମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ । ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀ ମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ । ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ । ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀ ମାନଙ୍କ ଉପସ୍ଥିତି । ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ । ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର । ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତବ୍ୟ । ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଭିତରେ ଶୈଳବାଳା ସାମଲଙ୍କ ପରି ଦିବ୍ୟ ପ୍ରତିଭାବାନଙ୍କ ପ୍ରେରଣା ଓ ଆଦର୍ଶ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହୁ ଏହା ହିଁ କାମନା ।

*ବିଡ଼ାନାସୀ ବନ୍ଧଛକ, କଟକ : ୯୭୭୮୬୩୫୯୨୬*



# ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ

## ନାରୀ ସୃଷ୍ଟିର ଆଧାର

◆ ରବିନାରାୟଣ ପଟ୍ଟନାୟକ



ନାରୀ ବିନା ସଂସାରର ପରିକଳ୍ପନା ଅସମ୍ଭବ । ତା'ର ଗୋଟିଏ ନାମ, ହେଲେ ହଜାରେ ରୂପ । ସେ କେତେବେଳେ ଜନନୀ ତ ପୁଣି କେତେବେଳେ ଜାୟା । ସେ ଅନନ୍ୟା, ସେ ସ୍ୱୟଂସିଦ୍ଧା । ଦୟା, କ୍ଷମା, ପ୍ରେମ ଓ ସଂଘର୍ଷର ମୂର୍ତିମନ୍ତ ପ୍ରତୀକ । ଆଜି ଆନ୍ତର୍ଜାତିକ ମହିଳା ଦିବସ । ପ୍ରତିବର୍ଷ ଭଳି ଏହି ଦିନକୁ ସାରା ବିଶ୍ୱରରେ ମହିଳାଙ୍କ ପାଇଁ ପାଳନ କରାଯାଏ । ମହିଳାମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କର ତ୍ୟାଗ ଏବଂ ପରିଶ୍ରମକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା ଏହି ଦିନରେ ଦିଆଯାଇଥାଏ । ପ୍ରତ୍ୟେକ ଦେଶରେ ଏହି ଦିନକୁ ବିଭିନ୍ନ ଉପାୟରେ ପାଳନ କରାଯାଏ । ଏହି ଦିନ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜରେ ମହିଳାମାନଙ୍କୁ ସମାନ ଅଧିକାର ଦେବା । ଏହା ସହିତ ପ୍ରତ୍ୟେକ ମହିଳାଙ୍କୁ ସେମାନଙ୍କର ଅଧିକାର ଦେବା ମଧ୍ୟ ଏହାର ଉଦ୍ଦେଶ୍ୟ । ଏହା ସହିତ ଯେକୌଣସି କ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଭେଦଭାବକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନ ମଧ୍ୟ ପାଳନ କରାଯାଏ । ଏହି ଦିନ ମହିଳାଙ୍କ ଅଧିକାର ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ସେମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଏବଂ ଅଭିଯାନ ମଧ୍ୟ ଆୟୋଜିତ କରାଯାଏ । ଅଧିକାଂଶ ଲୋକ ଏହି ଦିନ ମହିଳା ମାନଙ୍କୁ ଫୁଲ ଏବଂ ଉପହାର ଦିଅନ୍ତି । ଅନ୍ତର୍ଜାତୀୟ ମହିଳା ଦିବସ ମୂଳଦୁଆ ପଡିଥିଲା ଏକ ଶ୍ରମ ଆନ୍ଦୋଳନରୁ । ୧୯୦୮ରେ ନିଜ ଅଧିକାର ପାଇଁ ନ୍ୟୁୟର୍କର ରାଜରାସ୍ତାକୁ ଓହ୍ଲାଇ ଥିଲେ ପ୍ରାୟ ୧୫ ହଜାର ମହିଳା । ବିକ୍ଷୋଭ କରୁଥିବା କାର୍ଯ୍ୟରତ ମହିଳାଙ୍କ ଦାବି ଥିଲା କାମର ସମୟ ହ୍ରାସ ସହ ଦରମା ବୃଦ୍ଧି । ଏହା ସହ ଭୋଟ ଦେବାର ଅଧିକାର ମଧ୍ୟ ଦାବି କରିଥିଲେ । ଏହାର ଏକ ବର୍ଷ ପରେ ୧୯୦୯ ରେ ପ୍ରଥମ ଥର ପାଇଁ ୨୮ ଫେବ୍ରୁଆରୀରେ ମହିଳା ଦିବସ ପାଳନ ଆରମ୍ଭ କରିଥିଲା ଆମେରିକାର ସୋସାଲିଷ୍ଟ ପାର୍ଟି । ଧିରେଧିରେ ଅନ୍ୟ ଦେଶ ଓ ସଂଗଠନ ଭିନ୍ନ ଭିନ୍ନ ସମୟରେ ମହିଳା ଦିବସ ପାଳନ ଆରମ୍ଭ କଲେ । ୧୯୭୫ରେ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ ପାଇଁ ନିଷ୍ପତି ନେଇଥିଲା ଜାତିସଂଘ ।ମହିଳାମାନଙ୍କ ବିନା ଦୁନିଆକୁ କଳ୍ପନା କରିବା କଷ୍ଟକର । ଆଜିର ସମୟରେ ମହିଳାମାନେ ଉଭୟ ଦେଶ ତଥା ସମାଜ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ବର୍ତମାନ ପୂର୍ବ ପରି, ମହିଳାମାନେ କେବଳ ଘରର ଚାରି କାନ୍ଥରେ ସୀମିତ ନୁହଁନ୍ତି । କ୍ରୀଡା ଠାରୁ ଆରମ୍ଭ କରି ମନୋରଞ୍ଜନ ଏବଂ ରାଜନୀତି ଠାରୁ ସାମରିକ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ମହିଳାମାନେ କେବଳ ଜଡିତ ନୁହଁନ୍ତି ବରଂ ଏକ ବଡ଼ ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି । ମହିଳାଙ୍କ ସଂଘର୍ଷ, ଅଧିକାର ଏବଂ ସଫଳତା ଉପରେ ଆଲୋକପାତ କରିବାର ଦିନ । ମହିଳାଙ୍କୁ ସଶକ୍ତ କରିବା ସହ ଶିକ୍ଷା, ରୋଜଗାର ଏବଂ ରାଜନୀତିରେ ସେମାନଙ୍କ ସମାନ ଅଂଶୀଦାର ବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ । ମହିଳାଙ୍କ ଜୀବନକୁ ପ୍ରଭାବିତ କଲାଭଳି ପ୍ରସଙ୍ଗ ବିଷୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି । ଦେଶରେ ଅଭୂତପୂର୍ବ ବିକାଶ ସତ୍ୱେ ଏବେବି ମହିଳାଙ୍କୁ ନେଇ ଆମ ସମାଜରେ ଭେଦଭାବ, ହିଂସା ଏବଂ ସମାଜିକ ବ୍ୟାଧିର ସାମନା କରିବାକୁ ପଡୁଛି । ଯାହାକି ମହିଳାଙ୍କ ସମ୍ପୂର୍ଣ୍ଣ ଉନ୍ନତି ଏବଂ ବିକାଶରେ ବାଧା ସାଜିଛି । ମହିଳାମାନେ ଆମ ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।କେବେ ମା' ଭାବରେ, କେବେ ଭଉଣୀ ଭାବରେ ତ କେବେ ଜଣେ ପତ୍ନୀ ଭାବରେ । ତେଣୁ ପୂରା ବିଶ୍ୱର ମହିଳାମାନଙ୍କ ଜୀବନରେ ସୁଧାର ଆଣିବା ପାଇଁ ଓ ସେମାନଙ୍କ ମଧ୍ୟରେ ପ୍ରତି ବିଷୟକୁ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆଜି ପୂରା ବିଶ୍ୱ ପାଳନ କରୁଛି ମହିଳା ଦିବସ । ଏହା ସହ ମହିଳାଙ୍କ ପାଇଁ ଅଧିକାର ଓ ସୁଯୋଗର ସମାନତା ନେଇ ଅଧିକରୁ ଅଧିକରୁ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଏହି ଦିନ ପାଳନ ହୋଇଥାଏ ।ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି । ଅନେକ କ୍ଷେତ୍ରରେ ମହିଳାମାନେ ଆଜି ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇ ନାହାଁନ୍ତି । ମହିଳାମାନଙ୍କୁ ଏହି ଅଧିକାର ଏବଂ ସମ୍ମାନ ବିଷୟରେ ସମାଜକୁ ଅବଗତ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି ।

*ପଟିଆ, ଭୁବନେଶ୍ୱର ,*
*୯୯୩୮୧୧୩୨୨୬*

## ଜଗତ ମାତା ଚ ପ୍ରକୃତିଃ... ଗରିୟସୀ ଜଗତାଂ ମାତା

**ମହିଳାଙ୍କୁ ସମ୍ମାନ ଦେବା ପାଇଁ ଜାତିସଂଘ ଘୋଷଣାକ୍ରମେ ୧୯୭୭ରୁ ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ଏହାକୁ ପ୍ରଥମେ ଅନ୍ତର୍ଜାତୀୟ କର୍ମଜୀବୀ ମହିଳା ଦିବସ କୁହାଯାଉଥିଲା । ପରେ ଜାତିସଂଘ ଅନୁମୋଦନ କ୍ରମେ ସେଥିରୁ 'କର୍ମଜୀବୀ' ଶବ୍ଦଟିକୁ ବାଦ୍ ଦିଆଯାଇଥିଲା । ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ମହିଳାଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ । ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘଷରତ । ୟୁରୋପ୍‌ରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳାମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣା ଯାଉଥିଲେ । ସ୍ୱାଧୀନ ମତ ପୋଷଣ ବା ଭୋଟ୍ ଦେବାର ଅଧିକାର ନଥିଲା । ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା । ୧୭୯୨ରେ ମେରି ଉଲ୍‌ଷ୍ଟୋନ୍‌କ୍ରାଫ୍‌ଟ ନାମ୍ନୀ ବ୍ରିଟିସ୍ ଲେଖିକା ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ବହିଟିଏ ଲେଖିଥିଲେ - 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟସ୍ ଅଫ୍ ୱିମେନ୍' । ବହିଟି ସେତେବେଳେ ସମଗ୍ର ୟୁରୋପରେ ଚହଲ ପକାଇଥିଲା; ସମସ୍ତଙ୍କୁ ସେ ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲଶ । ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ୟୁରୋପ୍‌ର ବିଭିନ୍ନ ଅ□ଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଯାଇ ୟୁରୋପୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇଥିଲେ । ୧୯୧୧ ମାର୍ଚ୍ଚ ୧୯ ତାରିଖରେ ଜର୍ମାନି, ଅଷ୍ଟ୍ରିଆ, ଡେନମାର୍କ ଏବଂ ସୁଇଜରଲ୍ୟାଣ୍ଡରେ ପ୍ରଥମ ବିଶ୍ୱ ସ୍ତରୀୟ ମହିଳା ଦିବସ ପାଳିତ ହୋଇଥିଲା । ୧୯୧୩ରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହେଲା ମାର୍ଚ୍ଚ ୮ ତାରିଖରେ । ୧୯୭୫ରେ ଜାତିସଂଘ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତିକ ମହିଳା ବର୍ଷ । ତାପରେ ୧୯୭୭ ମାର୍ଚ୍ଚ ୮ରୁ ପାଳିତ ହେଉଛି ଆନ୍ତର୍ଜାତିକ ମହିଳା ଦିବସ ।**



ବ୍ରହ୍ମବୈବର୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଷ୍ଟ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା । ।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି । ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ । ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ । ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ । ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି । ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି । ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ । ନାରୀ ବିନା ସଂସାର କଳ୍ପନା ବୃଥା । ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା । ନର, ନାରୀ ଏକ ରଥର ଦୁଇ ଚକ । ଏକ ଶରୀରର ଦୁଇପାଦ । ଏକ ମୁଖର ଦୁଇ ନେତ୍ର । ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ । ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈ□ରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋ ପତ୍ନୀକଃ । । ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ । ।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ । ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର । ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି । ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଘରଣୀ ହିଁ ଘରର ସୁନାମ ପଛରେ ଥାଏ । ନାରୀ ତ୍ୟାଗସ୍ୱରୂପିଣୀ ଅଟେ । ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ । ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି । ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ତେଣୁ ଭଗବାନ ସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ । ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ । ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ । ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି । ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ । ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର । ଅତୀତ ହେଉ, ବ□ମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ । ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପ□କନ୍ୟା କୁହାଯାଉଥିଲା । ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି । ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଲୋକ ବେଦରେ ସ୍ଥାନ ପାଇଛି । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ମାତା ଈଶ୍ୱରାମ୍ମା ଜଣେ ଧର୍ମପରାୟଣା ଓ ମହୀୟସୀ ମହିଳା ଥିଲେ । ଯେଉଁଥିପାଇଁ ସେ ସ୍ୱୟଂ ଭଗବାନଙ୍କୁ ଜନ୍ମ ଦେଇ ବିଶ୍ୱବାସୀଙ୍କର ପ୍ରାତଃ ପୂଜ୍ୟନୀୟା ଓ ବନ୍ଦନୀୟା ହୋଇ ରହିଛନ୍ତି । ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବ□ମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉ□ମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କ□ବ୍ୟ । ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତିକା ହେଇ ଚାଲିଥାଉ ଏହା ହିଁ କାମନା ।

## ମହିଳା ଦିବସ

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ । ଏହାକୁ ପୂର୍ବେ ଆନ୍ତର୍ଜାତିକ ଶ୍ରମଜୀବୀ ମହିଳା ଦିବସ କୁହାଯାଉଥିଲା । ସାରା ବିଶ୍ୱର ମହିଳାଙ୍କୁ ସମ୍ମାନ ଓ ଶ୍ରଦ୍ଧା ଦେବା ସହ ସେମାନଙ୍କର ରାଜନୀତିକ, ସାମାଜିକ ଏବଂ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ବାଇଗଣୀ ରିବନ୍ ଏହି ଦିନର ପ୍ରତୀକ । ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ । ଇଉରୋପରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣାଯାଉଥିଲେ । ସ୍ୱାଧୀନ ମତ ପୋଷଣ ବା ଭୋଟ ଦେବାର ଅଧିକାର ନଥିଲା । ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା । ୧୭୯୨ରେ ମେରି ଉଲ୍‌ଷ୍ଟୋନକ୍ରାଫ୍‌ଟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ଲେଖିଥିଲେ 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟ୍‌ସ ଅଫ୍ ୱିମେନ୍' । ବହିଟି ସମଗ୍ର ଇଉରୋପରେ ଚହଲ ପକାଇଥିଲା ଏବଂ ସମସ୍ତଙ୍କୁ ଏହି ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲା । ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ଇଉରୋପ୍‌ର ବିଭିନ୍ନ ଅଂଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ଜାତିସଂଘର ଅନୁମୋଦନ କ୍ରମେ ୧୯୯୬ରୁ ଏହା ବିଷୟ ଭିତିକ ଭାବେ ପାଳିତ ହେଉଛି । ୨୦୧୭ରେ ପ୍ରକାଶିତ ଏକ ବିଶ୍ୱସ୍ତରୀୟ ରିପୋର୍ଟ ଅନୁଯାୟୀ ଲିଙ୍ଗଗତ ବୈଷମ୍ୟ ଦୂର ହେବା ପାଇଁ ଅନେକ ପଥ ଅତିକ୍ରମ କରିବାକୁ ଅଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ବିଷୟ ରଖାଯାଇଛି ପ୍ରଗତି ପାଇଁ ଜୋର ଲଗାଅ । ଆଫଗାନିସ୍ତାନ, ଆଙ୍ଗୋଲା, ଆର୍ମେନିଆ, କ୍ୟୁବା, ଜର୍ଜିଆ, ମଙ୍ଗୋଲିଆ, ରସିଆ, ଭିଏତନାମ, ଜାମ୍ବିଆ ଆଦି ମୋଟ ଚବିଶଟି ଦେଶରେ ଏହା ସରକାରୀ ଛୁଟି ଦିବସ । ଚାଇନା, ନେପାଳ, ମାଡ଼ାଗାସ୍କାର ଓ ମେସିଡୋନିଆରେ କେବଳ ମହିଳାଙ୍କ ପାଇଁ ସରକାରୀ ଛୁଟି ଦିବସ ।

*ଶିଖରପୁର ଉପରସାହି, କଟକ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

## ଆନ୍ତର୍ଜାତୀୟ ମହିଳା ଦିବସ

◆ କାଳି ଦାସ

'ଯତ୍ର ନାରୀୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା' ଯାର ଆର୍ଥ ହେଲା ଯେଉଁଠି ନାରୀଙ୍କୁ ସମ୍ମାନ କରାଯାଏ ସେଠାରେ ଦେବତାଙ୍କ ବାସ ହୋଇଥାଏ । ଆମ ଦେଶ ରେ କେଉଁ ପ୍ରାଚୀନ କାଳ ରୁ ମହିଳାଙ୍କ ସମ୍ମାନ ପ୍ରତି ଧ୍ୟାନ ଦିଆଯାଇଛି । ଆମେ ଆମ ଜନ୍ମ ଭୂମିକୁ ମାତୃଭୂମି କହିଥାଉ । ଆମ ଭାଷା କୁ ମାତୃଭାଷା କହିଥାଉ । ଶକ୍ତି ଉପାସନା ଆମ ଦେଶ ରେ କେଉଁ ଆଦିମ କାଳ ରୁ ରହି ଆସିଛି । ବିଦ୍ୟା ର ଅଧିଷ୍ଠାତ୍ରୀ ଭାବେ ସରସ୍ୱତୀଙ୍କୁ ଆରାଧାନା କରୁ ସହିପରି ଲକ୍ଷ୍ମୀଙ୍କ ଆରାଧନା ପ୍ରତେକ ଘରେ ହୋଇଥାଏ, ମୋହେଞ୍ଜୋଦାରୋ ହରପ୍ପ କୁ ଖନନ କରିଗଲା ପରେ ସ୍ତ୍ରମୂର୍ତୀ ମିଳିଛି ସେଉଠୁ ଆମେ ବୁଝିବା ଯେ ସାହି ସମୟ ରେ ମଧ ଲୋକମାନେ ଶକ୍ତିର ଉପାସନା ଜାଣିଥିଲେ । ମହିଳା ଏବଂ ପୁରୁଷଙ୍କ ଦ୍ୱାରା ଆମ ସମାଜ ଗଠନ ହୋଇଛି କିନ୍ତୁ ମହିଳାଙ୍କ ଉପରେ ଆତ୍ୟାଚାର କମିବାକୁ ନା ନେଉନାହିଁ । ସ୍କୁଲ ରେ କଲେଜ ରେ ରାସ୍ତା ରେ ଏବଂ ଟ୍ରେନ ରେ ମହିଳାଙ୍କ ସାଥିରେ ଆତ୍ୟାଚାର ଏବଂ ଆକ୍ରମଣ ହୋଇ ଥିବା ଦୃଶ୍ୟ ଦେଖିବା କୁ ମିଳିଛି । ମହିଳାଙ୍କ ଉପରେ ହୋଇ ଥିବା ଆକ୍ରମଣ କୁ ବନ୍ଦ କରିବାପାଇଁ ବିଭିର୍ନ୍ନ ଆଇନ ଏବଂ ବିଲ ପାସ କରା ଯାଇଛି କିନ୍ତୁ କେବେ କାର୍ଯ୍ୟକାରି ହେବ ତାକୁ ଧରି ପ୍ରଶ୍ନବାଚି ଉଠିଛି । କିଛି ସ୍ଥାନ ରେ ଅପରାଧୀ ଦ୍ୱାରା ପୀଡ଼ିତା କୁ ମାମଲା କୁ ରଫା ଦଫା କରିବାପାଇଁ ଧମକ ଚମକ ଦିଆ ଯାଇଥାଏ । ମହିଳାଙ୍କ ସମ୍ମାନ କୁ ଧରି ଆମ ଦେଶ ର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠିଛି । ଆନ୍ତର୍ଜାତୀୟ ମହିଳା ଦିବସ ପ୍ରଥମ ଥର ଯୁକ୍ତ ରାଷ୍ଟ୍ର ଆମେରିକା ମାର୍ଚ୍ଚ ୮, ୧୯୦୯ ପାଳନ କରା ଯାଇଥିଲା ତାପରେ ପୁରା ବିଶ୍ୱ ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରଯାଇଥିଲା । ଏହି ଅବସର ରେ ବିଭିର୍ନ୍ନ ବରିଷ୍ଠ ମହିଳାଙ୍କୁ ନିମନ୍ତ୍ରଣ କରି ମଂଚ ଉପରେ ବସେଇ, ଉପହାର ଦେଇ ମହିଳାଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରାଯାଏ । ବିଭିର୍ନ୍ନ ସ୍ଥାନ ରେ ମହିଳା ଦିବସ ଦିନ ମହିଳାଙ୍କୁ ଧରି ଆଲୋଚନା ଚକ୍ର ଅନୁଷ୍ଠିତ କରା ଯାଇଥାଏ । ଏହି ଆଲୋଚନା ଚକ୍ର ରେ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସମସ୍ୟା ବିଷୟ ରେ ଚର୍ଚ୍ଚା ହୋଇଥାଏ । ଆନ୍ତର୍ଜାତୀୟ




ମହିଳା ଦିବସ ଉପଲକ୍ଷେ ବିଭିର୍ନ୍ନ ଦେଶ ରେ ଜାତୀୟ ଛୁଟି ଘୋଷିତ କରା ଯାଇଥାଏ । ଭାରତ ର ଜାତୀୟ ପିତା ମାହାତ୍ମା ଗାନ୍ଧୀଙ୍କ କହିଥିଲେ କି " **The day a woman can walk freely on the roads at night , that day we can say that India has achieved independence**" ଭାରତ ର ପୂର୍ବତନ ପ୍ରଧାନମନ୍ତ୍ରୀ ଜୱାହାରଲାଲ ନେହେରୁ କହିଥିଲେ କି " **If you educate a man you educate an individual but if you educate a woman you educate an whole family** " ମହିଳାଙ୍କର ଅବଦାନ ଆମର ଜନ୍ମ ଠାରୁ ମୃତ୍ୟୁ ଯାଇଁ ସବୁଠାରେ ରହିଛି । ମଣିଷ ଯେତେବେଳେ ସବୁଠାରେ ଅସହାୟ ହୋଇଥାଏ ସେତେବେଳେ ମା ତାର ସାହାରା ହୋଇ ତାକୁ ଚାଲିବା ସିଖେଇଛି, ଦୁନିଆ ରେ ଠିଆ ହେବାପାଇଁ ମାନସିକ ବଳ ଯୋଗେଇଛି । ସେହିପରି ପନ୍ନୀ ଜୀବନ ରେ ସୁଖ ଦୁଖ ର ସାଥି ହେଇଛି । ଆମ ଜୀବନ ର ପ୍ରତେକ ଅବସ୍ଥା ରେ ଆମେ ମହିଳାଙ୍କୁ ପାଇଛୁ । ଆମ ସାଥିରେ ଠିଆ ହୋଇ ଆମର ମନବଳ କୁ ବୃଦ୍ଧି କରିବାପାଇଁ । ମହିଳାଙ୍କ ଭିତରେ ରହିଥିବା ଆତ୍ମବଳ ଦେଶ ର ଜନକ ଗାନ୍ଧୀଜି ବୁଝିଥିଲେ । ଆମର ସ୍ୱାଧୀନତା ସଂଗ୍ରାମ ରେ ମାହିଳାଙ୍କ ବେସ ଭୂମିକା ରହିଥିଲା । ସରୋଜିନୀ ନାଇଡୁଙ୍କ ପରି ନାରୀ ନେତ୍ରୀ ସ୍ୱାଧୀନତା ସଂଗ୍ରାମ କୁ ନୂଆ ଦିଶା ଦେଇଥିଲେ । ଶହ ଶହ ମହିଳା ପୁରୁଷଙ୍କ ସହିତ ପାଦ ମିଶେଇ ସ୍ୱାଧୀନତା ପାଇଁ ସଂଗ୍ରାମ କରି ଥିଲେ । ଆମ ସ୍ୱାଧୀନତା ସଂଗ୍ରାମ ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦ୍ରା ଗନ୍ଧିଙ୍କୁ ଜେଲ ମଧ ଯିବା କୁ ପଡିଥିଲା । ସୁବାଶ ଚନ୍ଦ୍ର ବୋଷ ମଧ ମହିଳାଙ୍କର ମାହାନ ଅବଦାନ ବିଷୟ ରେ ଜାଣିଥିଲେ । ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଡ ହିନ୍ଦ ଫୌଜ ରେ ଝାନ୍ସି ରାଣୀ ରେଜିମେଂଟ କେବଳ ମହିଳାଙ୍କ ପାଇଁ ଉଦିଷ୍ଟ ଥିଲା ଯେଉଁ ଠାରେ ମହିଳା ମାନେ ଯୋଗଦେଇ ଯୁଦ୍ଧ କୌଶଳ କୁ ସିଖୁଥିଲେ ଏବଂ ବ୍ରିଟିଶ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରି ଥିଲେ । ଭଗବାନ ବୁଦ୍ଧ ନ ଖାଇ ନ ପି ସାଧନା କରି ଦୁର୍ବଳ ହୋଇ ଥିବା ସମୟ ରେ ଜଣେ ମହିଳା ଯା ନା ସୁଜାତା ଖିରୀ ଦେଇ ଥିଲେ ଏବଂ ସେହି ଖିରୀ ଖାଇବା ପରେ ବୁଦ୍ଧଙ୍କ ଶରୀର ରେ ଶକ୍ତି ଆସିଥିଲା ଏବଂ ସିଏ ପରବର୍ତୀ ସମୟ ରେ ଆତ୍ମଜ୍ଞାନ ପାଇଥିଲେ । ଭାରତ ରେ ବିଭିନ୍ନ ରାଜନୈତିକ ଦଳ ଏବଂ ବିଭିନ୍ନ ଗଣ ସଂଗଠନଠନଙ୍କ ଦ୍ୱାରା ବରିଷ୍ଠ ମହିଳାଙ୍କ ପ୍ରତି ମୂର୍ତି ରେ ପୁଷ୍ପ ମାଲ୍ୟ ସହ ତାଙ୍କୁ ପୂଜା ଅର୍ଚ୍ଚନା କରା ଯାଇଥାଏ । ଭାରତର ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଉଡୁ ଏବଂ ରାଣୀ ଲକ୍ଷ୍ମୀ ବାଇଙ୍କ ଭାରତର ସ୍ୱାଧୀନତା ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ରାଣୀ ଲକ୍ଷ୍ମୀ ବାଇ ଭାରତର ସ୍ୱାଧୀନତା ପାଇଁ ବ୍ରିଟିଶ ସରକାର ଉପରେ ଖଣ୍ଡା ଚଳେଇଥିଲେ ।

*ବ୍ରହ୍ମପୁର , ଖୋଡାସିଙ୍ଗ କଳିଙ୍ଗନଗର, ଫୋନ- ୭୨୦୫୧୦୦୮୩୮*





# ମହିଳାଙ୍କ ନେତୃତ୍ୱରେ ବିକାଶ: ବିକଶିତ ଭାରତର ଆଧାର

ଆଜି ଯେତେବେଳେ ଆମେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛୁ, ସେତେବେଳେ ଆମେ କେବଳ ଭାରତର ମହିଳାମାନଙ୍କ ସଫଳତାକୁ ସ୍ମରଣ କରୁନାହୁଁ; ବରଂ ସେମାନଙ୍କର ଦୃଢତା, ସଂଘର୍ଷ, ପାଳନ-ପୋଷଣର ଦାୟିତ୍ୱବୋଧ ଏବଂ ପରିବର୍ତ୍ତନ ଆଣିବାର ଅଦମ୍ୟ ଇଚ୍ଛାଶକ୍ତିକୁ ମଧ୍ୟ ସମ୍ମାନ ଜଣାଉଛୁ । ମହିଳା ଦିବସ କେବଳ ଦିନପଞ୍ଜିକାର ଗୋଟିଏ ତାରିଖ ନୁହେଁ; ଏହା ଏହି ସତ୍ୟକୁ ପୁନରୁଚ୍ଚାରଣ କରେ ଯେ ଭାରତର ବିକାଶ ଯାତ୍ରାରେ ମହିଳାମାନଙ୍କ ଭୂମିକା ପରିଧିରେ ନୁହେଁ, ବରଂ କେନ୍ଦ୍ରବିନ୍ଦୁରେ ଅବସ୍ଥିତ । ଆଜିର ଭାରତରେ ମହିଳାମାନେ କେବଳ ସଂସ୍ଥା ବା ବୋର୍ଡରୁମରେ ସୀମିତ ନୁହେଁ, ଅଗଣାଠାରୁ କୃଷିକ୍ଷେତ୍ର ପର୍ଯ୍ୟନ୍ତ, ପ୍ରୟୋଗଶାଳାଠାରୁ ଶ୍ରେଣୀକକ୍ଷ ପର୍ଯ୍ୟନ୍ତ, ସୁରକ୍ଷା ବଳଠାରୁ ପ୍ରଶାସନିକ ତନ୍ତ୍ର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନୂତନ ନେତୃତ୍ୱର ଅଧ୍ୟାୟ ରଚନା କରୁଛନ୍ତି । ସେମାନଙ୍କର ଅବଦାନ କେବଳ ସମାଜକୁ ସୁଦୃଢ଼ କରୁନାହିଁ, ଅପରନ୍ତୁ ଭାରତକୁ ଏକ ଅଧିକ ସମାବେଶୀ, ସଶକ୍ତ ଏବଂ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିବାରେ ମଧ୍ୟ ପ୍ରେରଣା ଯୋଗାଉଛି । ଉଚ୍ଚଶିକ୍ଷାରେ ମହିଳାମାନଙ୍କର ଭାଗିଦାରୀ ନିରନ୍ତର ଭାବରେ ବୃଦ୍ଧି ପାଇ ଚାଲିଛି । ବିଜ୍ଞାନ, ପ୍ରାଦ୍ୟୋଗିକି ସଂସ୍ଥାନ, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) କ୍ଷେତ୍ରରେ ନୂତନ ପରିଚୟ ଗଠନ କରିବାରେ ଲାଗିଛି । ପ୍ରତିରକ୍ଷା ସେବାମାନଙ୍କରେ ମହିଳାମାନଙ୍କ ଅଧିକାର ବିଶିଷ୍ଟ ସେବା ପ୍ରଦାନ କରୁଛି – ଲଢୁଆ ବିମାନ ଉଡାଣ ଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ରକ୍ଷା ଏକାଡେମୀରେ ପ୍ରଶିକ୍ଷଣ ପ୍ରାପ୍ତ କରିବା ପର୍ଯ୍ୟନ୍ତ, ସେମାନେ ଏକ ନୂଆ କ୍ଷେତ୍ର ବିସ୍ତାର କରିଚାଲିଛନ୍ତି । ଗ୍ରାମାଂଚଳ ଭାରତରେ ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ସହିତ ଜଡ଼ିତ କୋଟି କୋଟି ମହିଳା ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ସଶକ୍ତ କରିଚାଲିଛି । ସେମାନେ ଆର୍ଥିକ ସ୍ୱାଧୀନତାର ଭିତିଭୂମି ଉପରେ ସାମୂହିକ ସମୃଦ୍ଧିର ସୃଜନ କରିଚାଲିଛନ୍ତି । ପଂଚାୟତିରାଜ ସଂସ୍ଥାମାନଙ୍କରେ ପ୍ରତିନିଧିତ୍ୱ କରିବାରେ ବୈଶ୍ୱିକ ସ୍ତରରେ ନୂଆ ମାନକ ସ୍ଥାପିତ କରିଚାଲିଛନ୍ତି । ଏହା ପ୍ରମାଣିତ କରୁଛି ଯେ ତୃଣମୂଳ ସ୍ତରରେ ନେତୃତ୍ୱ ସମାବେଶୀ ଏବଂ ପ୍ରଭାବଶାଳୀ, ଉଭୟ ହିଁ ରହିଛି । ବୈଶ୍ୱିକ କ୍ରୀଡ଼ା ମଂଚରେ, ଉନ୍ନତ କ୍ରୀଡ଼ା କୌଶଳ ଏବଂ ଦୃଢ଼ତା ପ୍ରଦର୍ଶନ କରି ଭାରତୀୟ ମହିଳାମାନେ ନିରବଚ୍ଛିନ୍ନ ଭାବରେ ଦେଶକୁ ଗୌରବାନ୍ୱିତ କରିଚାଲିଛନ୍ତି । ଇତିହାସ ଏହାର ସାକ୍ଷୀ ଯେ ଭାରତୀୟ ନାରୀର ସାମର୍ଥ୍ୟ କିଛି ନୂଆ କଥା ନୁହେଁ । ରାଣୀ ଲକ୍ଷ୍ମୀବାଇ ନିର୍ଭୟ ଭାବରେ ନିଜ ଦେଶକୁ ସୁରକ୍ଷା ପ୍ରଦାନ କରିଥିଲେ । ସାବିତ୍ରୀବାଇ ଫୁଲେ ସାମାଜିକ ରଢ଼ିବାଦୀକୁ ଆହ୍ୱାନ କରି ବାଳିକାମାନଙ୍କୁ ଶିକ୍ଷା ପ୍ରଦାନ ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ । ଦେବୀ ଅହଲ୍ୟାବାଇ ହୋଲକର ବୁଦ୍ଧିମତା ଏବଂ କରୁଣା ମାଧ୍ୟମରେ ଜନ କଲ୍ୟାଣକୁ ଶାସନର କେନ୍ଦ୍ରବିନ୍ଦୁ ଭାବରେ ରଖିଥିଲେ । ନୀତିଗତ ସଂସ୍କାର ଏବଂ ଦୃଢ଼ ସଂକଳ୍ପର ଏହି ପରମ୍ପରା ଆଜି ମଧ୍ୟ ଆମକୁ ମାର୍ଗଦର୍ଶନ କରାଇ ଚାଲିଛି । ଆଜି, ଏହି ଅତୁଟ ପରମ୍ପରା ସବୁ କ୍ଷେତ୍ରରେ ମହିଳାମାନଙ୍କ ସହଭାଗିତାକୁ ମଜଭୁତ କରିବାର ନିରନ୍ତର ପ୍ରୟାସରେ ପରିଲକ୍ଷିତ ହୋଇଥାଏ । ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳାମାନଙ୍କୁ କେବଳ ଲାଭାର୍ଥୀ ଭାବରେ ନୁହେଁ, ବରଂ ବିକାଶର ଅଗ୍ରଦୂତ ଭାବରେ ମାନ୍ୟତା ପ୍ରଦାନ କରାଯାଇଛି । "ମହିଳା ନେତୃତ୍ୱାଧୀନ ବିକାଶ" ଆଜି ଏକ ସଶକ୍ତ ନୀତିଗତ ଦୃଷ୍ଟି ରହିଛି, ଯାହା ବଜେଟ, କାର୍ଯ୍ୟକ୍ରମ ଏବଂ ସଂସ୍ଥାଗତ ସଂସ୍କାରରେ ପରିଲକ୍ଷିତ ହେଉଛି । ମହିଳା ଦିବସ ଆମକୁ ଏହା ସ୍ମରଣ କରାଇଦିଏ ଯେ ଉତ୍ସବକୁ ପରିବର୍ତ୍ତନ ରୂପେ ସାକାର କରିବାକୁ ହେବ । ପ୍ରତ୍ୟେକ ମହିଳା- ସେମାନେ କୌଣସି ନିଗମର ନେତୃତ୍ୱ ନେଉଥାଆନ୍ତୁ ଅବା, ପୋଷାକ ପିନ୍ଧା ସେବା ପ୍ରଦାନକାରୀ ହୋଇଥାଆନ୍ତୁ, ଅବା କ୍ଷେତରେ ଝାଳବୁହା ପରିଶ୍ରମ କରୁଥାଆନ୍ତୁ, ସେମାନେ ଛୋଟମୋଟ ଉଦ୍ୟୋଗ ପରିଚାଳନା କରୁଥାଆନ୍ତୁ କିମ୍ବା ନିଜ ପରିବାରର ଭରଣପୋଷଣ କରୁଥାଆନ୍ତୁ, ମୋଦୀ ସରକାର ସେମାନଙ୍କୁ ସମସ୍ତଙ୍କୁ ଅଭିନନ୍ଦନ କରେ । ଆମର ପ୍ରାଚୀନ ସଭ୍ୟତାଗତ ପରମ୍ପରାରେ ନାରୀ ଶକ୍ତିକୁ ସମ୍ମାନ ପ୍ରଦାନ କେବଳ ଶବ୍ଦରେ ସୀମିତ ହୋଇ ରହିନାହିଁ । ଏହା ଆମର ଅସ୍ତିତ୍ୱର ମୂଳ ଆଧାର ହୋଇ ରହିଆସିଛି । ଏହା ଆମ ପରମ୍ପରାର ସୁଦୀର୍ଘ ବ୍ୟାପ୍ତିକୁ ସମୃଦ୍ଧ କରିଚାଲିଛି ଏବଂ ପରିବର୍ତ୍ତନର ବାତାବରଣକୁ ନେତୃତ୍ୱ ପ୍ରଦାନ କରିଆସୁଛି । ସେମାନଙ୍କର ବ୍ୟକ୍ତିତ୍ୱରେ କରୁଣାର ସାଗର ରହିଛି ଏବଂ ସାହସର ସୁଉଚ୍ଚ ଶିଖର ମଧ୍ୟ ରହିଛି; ସେମାନେ ଗୋଟିଏ ପଟେ ନୈତିକ ମୂଲ୍ୟବୋଧର ମର୍ଯ୍ୟାଦାରେ ବାନ୍ଧି ହୋଇରହିଛନ୍ତି ଏବଂ ଅନ୍ୟ ପକ୍ଷରେ ନିଜର ସ୍ୱପ୍ନକୁ ଉଚ୍ଚ ଆକାଶରେ ଉଡ଼ିବା ସକାଶେ ପକ୍ଷ ପ୍ରଦାନ କରିବାର ମହତ୍ୱାକାଂକ୍ଷା ମଧ୍ୟ ପୋଷଣ କରନ୍ତି । ବିବିଧ ଉପକ୍ରମକ୍ଷମ ଭୂମିକାମାନଙ୍କୁ ଏକାସଙ୍ଗେ ସାଧନ କରିବାରେ ସେମାନଙ୍କର କୌଶଳ ଶହ ଶହ ବର୍ଷ ଧରି ଭାରତୀୟ ନାରୀମାନଙ୍କ ଜୀବନଶୈଳୀର ଅଭିନ୍ନ ଅଙ୍ଗ ହୋଇ ରହିଆସିଛି । ସେମାନେ ନିଜର ଦାୟିତ୍ୱବୋଧକୁ ସହଜ ଭାବରେ ନିର୍ବାହନ କରିଥାଆନ୍ତି, ଧୈର୍ଯ୍ୟର ସହିତ ପରିବାରର ମୂଳଦୁଆରେ ଜଳ ସିଂଚନ କରି ଏହାକୁ ମଜଭୁତ କରିଥାଆନ୍ତି ଏବଂ ନିଜର "ଶାନ୍ତ ନେତୃତ୍ୱ"ରେ ସମାଜକୁ ଏକ ନୂତନ ଦିଶା ଏବଂ ଶକ୍ତି ମଧ୍ୟ ପ୍ରଦାନ କରିଥାଆନ୍ତି । ସମାଜର ପ୍ରତିଟି ଦୃଶ୍ୟମାନ ସଫଳତା ପଛରେ, ଏକ ମୌଳିକ ଶକ୍ତି ନିରନ୍ତର ଭାବରେ କାର୍ଯ୍ୟ କରିଥାଏ ଏବଂ ତାହା "ଯତ୍ନ ଅର୍ଥନୀତି" ଭାବରେ ପରିଚିତ । ଏହା ହେଉଛି ସେହି ନୀରବ ଶକ୍ତି ଯାହା ପ୍ରତି ମୁହୂର୍ତ୍ତରେ ଭାରତର ଅସ୍ତିତ୍ୱକୁ ବଜାୟ ରଖିଆସିଛି । ଏହା ଜଣେ ମାଆର ଉତ୍ସର୍ଗ ଓ ତ୍ୟାଗ - ଯିଏ ସୂର୍ଯ୍ୟୋଦୟ ପୂର୍ବରୁ ନିଜର ପ୍ରିୟଜନମାନଙ୍କ ନିମନ୍ତେ ଚୁଲିରେ ଜାଳ ଜାଳିଥାଆନ୍ତି ଏବଂ ଏହାପରେ ରୋଜଗାରର ସକଳ ଚାଲେଞ୍ଜର ସମ୍ମୁଖୀନ ହେବାକୁ ବାହାରି ଥାଆନ୍ତି । ଏହା ଜଣେ ନାରୀର ଅଟଳ ବିଶ୍ୱସ୍ତତାକୁ ପ୍ରତିପାଦନ କରେ ଯିଏ ସବୁଠାରୁ ଜଟିଳ ସମୟରେ ସୁଦ୍ଧା ନିଜ ପରିବାରର ମୂଳଦୁଆକୁ ମଜଭୁତ ରଖିଥାଆନ୍ତି । ଏହା ଜଣେ ଝିଅର ନିଃସ୍ୱାର୍ଥପରତା, ଯିଏ ଦିନର ହାଡ଼ଭଙ୍ଗା ଶ୍ରମ ଓ କ୍ଲାନ୍ତି ପରେ ସୁଦ୍ଧା ରାତିରେ ନିଜର ବୃଦ୍ଧ ପିତାମାତାଙ୍କ ଶଯ୍ୟା ନିକଟରେ ବସିରହି ସେମାନଙ୍କର ସେବାଶୁଶ୍ରୁଷା କରିଥାଆନ୍ତି । ଏହି ଶକ୍ତି କୌଣସି ପ୍ରଶଂସା କିମ୍ବା ପ୍ରସିଦ୍ଧି ପାଇବାର ଆକାଂକ୍ଷା ମନରେ ରଖି ସଂପାଦନ କରାଯାଇ ନଥାଏ, ଏହାକୁ ଜଣେ ନାରୀ କେବଳ ନିଜର କର୍ତବ୍ୟର ଏକ ନିରନ୍ତର ଧାରାକୁ ନୀରବ ଭାବରେ ସଂପାଦନ କରିଥାଏ । ଐତିହାସିକ ଭାବରେ, ମହିଳାମାନଙ୍କ ଅବଦାନର ଏକ ସୁଦୀର୍ଘ ଏବଂ ବିସ୍ତୃତ ଅଂଶ- ବିଶେଷ କରି ଅବୈତନିକ ଯତ୍ନ, ଅନୌପଚାରିକ ଶ୍ରମ ଏବଂ ସମାଜସେବା- ପାରମ୍ପରିକ ଅର୍ଥନୈତିକ ଗଣନାର ପରିସର ବହିର୍ଭୂତ । ତଥାପି, ଏହି ବାସ୍ତବତାକୁ ସ୍ୱୀକାର କରି, ମୋଦୀ ସରକାର ଯତ୍ନର ଏହି 'ଅଦୃଶ୍ୟ ଦିଗ'କୁ ହ୍ରାସ କରିବା, ଏହାକୁ ସାମାଜିକ ସ୍ୱୀକୃତି ଦେବା ଏବଂ ଏହାର ସମାନ ପୁନଃବଂଟନ ସୁନିଶ୍ଚିତ କରିବା ଉପରେ ନିରନ୍ତର ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଦୃଷ୍ଟିକୋଣ ଏବଂ ଆଭିମୁଖ୍ୟ ହେଉଛି ଯତ୍ନ ସେବାମାନଙ୍କୁ ବୃତିଗତ (ପେସାଦାରୀ) କରିବା ଏବଂ ସେଗୁଡ଼ିକୁ ସମାବେଶୀ ବିକାଶର ଏକ ନୂତନ "ଇଞ୍ଜିନ"ରେ ପରିବର୍ତ୍ତନ କରିବା । ଭାରତରେ ମହିଳା ଶ୍ରମ ଶକ୍ତି ସହଭାଗିତା ହାର (ଏଫ.ଏଲ.ଏଫ.ପି.ଆର.) ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ୨୦୧୭-୧୮ ମସିହାରେ ଏହା ୨୩.୩ ପ୍ରତିଶତ ଥିଲା ଏବଂ ୨୦୨୩-୨୪ ମସିହାରେ ତାହା ୪୧.୭ ପ୍ରତିଶତ ଛୁଇଁଛି । ଏହି ସଂଖ୍ୟା ଭାରତୀୟ ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଉଚ୍ଚାକାଂକ୍ଷା ଏବଂ ଆର୍ଥିକ କାର୍ଯ୍ୟକଳାପରେ ସେମାନଙ୍କର ବର୍ଦ୍ଧିଷ୍ଣୁ ପ୍ରାଧାନ୍ୟକୁ ପ୍ରତିଫଳିତ କରେ । ବେତନପ୍ରାପ୍ତ କାର୍ଯ୍ୟରେ ନିୟୋଜିତ ମହିଳା ମାନଙ୍କର ଏହି ଅଂଶଗ୍ରହଣ କେବଳ ପାରିବାରିକ ସମୃଦ୍ଧିର ଆଧାର ଗଠନ କରେନାହିଁ ବରଂ ଜାତୀୟ ଉତ୍ପାଦକତାକୁ ନୂତନ ଶୀର୍ଷକୁ ମଧ୍ୟ ଉନ୍ନୀତ କରିଥାଏ । ଅର୍ଥନୈତିକ ସର୍ଭେ ଏହି ସତ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରେ ଯେ ଯଦି ଆମେ ଅବୈତନିକ ଯତ୍ନର ବୋଝକୁ ହ୍ରାସ କରିପାରିବା ଏବଂ ସେହି ସେବାଗୁଡ଼ିକ ବାଣିଜ୍ୟିକରେ ରୂପାନ୍ତରୀତ କରିପାରିବା ତେବେ ମହିଳମାନଙ୍କ ନିଯୁକ୍ତି ଦୃଶ୍ୟପଟ୍ଟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଭାରତୀୟ ଯତ୍ନ ଅର୍ଥନୀତି (ଇଣ୍ଡିଆନ କେୟାର ଇକୋନୋମୀ) ପୂର୍ବରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ସମର୍ଥନ ଯୋଗାଇ ଆସିଛି ଏବଂ ଆଗାମୀ ଦଶନ୍ଧିରେ ନିଯୁକ୍ତି ସୃଷ୍ଟି କରିବାର ଅପାର ସମ୍ଭାବନା ମଧ୍ୟ ରହିଛି । ଏହି କାରଣରୁ କେନ୍ଦ୍ର ବଜେଟ ୨୦୨୬-୨୭ରେ ଯତ୍ନ ଅର୍ଥନୀତିକୁ ଅଧିକ ମଜଭୁତ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରେ । "ମହିଳା ନେତୃତ୍ୱାଧୀନ ବିକାଶ" ପ୍ରତି ଆମର ଅଟଳ ପ୍ରତିବଦ୍ଧତା ଐତିହାସିକ ଲିଙ୍ଗ ବଜେଟରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଏହାର ଆବଂଟନ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି, ଯାହାକି ଏବେ ସୁଦ୍ଧା ସର୍ବାଧିକ । ସରକାରଙ୍କ ସାମଗ୍ରିକ ଆଭିମୁଖ୍ୟ ଅନୁଯାୟୀ, ଆମେ ୧.୫ ଲକ୍ଷ ଯତ୍ନଦାତାଙ୍କ ଦକ୍ଷତା ବିକାଶ, କର୍ମଜୀବୀ ମହିଳା ଛାତ୍ରାବାସର ବିସ୍ତାରଣ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ କରି ପ୍ରାକ୍ ଶୈଶବ ଯତ୍ନ ସୁନିଶ୍ଚିତ କରିବାରେ ନିବେଶ କରୁଛୁ । ଏହା ବ୍ୟତୀତ, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ବ୍ୟବସ୍ଥାର ସମନ୍ୱୟକୁ ସୁଦୃଢ କରାଯାଉଛି । ଏହି ସମସ୍ତ ପ୍ରୟାସ ଏକ ସ୍ପଷ୍ଟ ରାଜନୈତିକ ଏବଂ ନୈତିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ: ଯେତେବେଳେ ମହିଳାମାନେ ଆବଶ୍ୟକୀୟ ସମର୍ଥନ ଏବଂ ପ୍ଲାଟଫର୍ମ ପାଆନ୍ତି, ସେତେବେଳେ ଅର୍ଥନୀତି ସାମଗ୍ରିକ ଭାବରେ ତ୍ୱରାନ୍ୱିତ ହୋଇଥାଏ । ସାମାଜିକ ସୁରକ୍ଷା ସହିତା ଏବଂ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିବେଶ ସୁରକ୍ଷା ସଂହିତା ପରି ଆଇନଗତ ଢାଂଚା ଶିଶୁ ଯତ୍ନ କେନ୍ଦ୍ର ଏବଂ ଶ୍ରମିକ କଲ୍ୟାଣ ପାଇଁ ବ୍ୟବସ୍ଥାକୁ ମଜଭୁତ କରେ । ଏହି ସଂସ୍କାରଗୁଡ଼ିକୁ ଏକ ଗଭୀର ନୀତିକୁ ସଂସ୍ଥାପିତ କରେ; ଶିଶୁ ଯତ୍ନ ସହାୟତା ଏକ ଦ୍ୱିତୀୟ ବିକଳ୍ପ କିମ୍ବା ସୁବିଧା ନୁହେଁ, ବରଂ ଅର୍ଥନୈତିକ ନ୍ୟାୟର ଏକ ଅତ୍ୟାବଶ୍ୟକ ସାଂରଚନିକ ଭିତିଭୂମି ଅଟେ । ଦେଶର ମୋଟ ଜନସଂଖ୍ୟାର ୬୫ ପ୍ରତିଶତରୁ ଅଧିକ ଅଂଶୀଦାର ମହିଳା ଏବଂ ଶିଶୁମାନଙ୍କୁ ଆମର ସରକାର ଜାତୀୟ ପ୍ରାଥମିକତାର କେନ୍ଦ୍ରରେ ରଖେ । ତେଣୁ ସେମାନଙ୍କର ସାମଗ୍ରିକ କଲ୍ୟାଣ ଏକ ଅତ୍ୟାବଶ୍ୟକ ରଣନୈତିକ ଆବଶ୍ୟକତା । ୨୦୫୦ ମସିହା ସୁଦ୍ଧା, ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦେଶରେ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବ, ଏଥି ସହିତ ପରିବାର ମଧ୍ୟରେ ଯତ୍ନ ନେବା ଦାୟିତ୍ୱ ମଧ୍ୟ ସମାନୁପାତିକ ଭାବରେ ବଢ଼ିବା ସ୍ୱାଭାବିକ । ଏହା ବ୍ୟତୀତ, ଲକ୍ଷ ଲକ୍ଷ ଶିଶୁଙ୍କୁ ସେମାନଙ୍କର ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗଠନମୂଳକ ବର୍ଷଗୁଡ଼ିକରେ ଯେତେବେଳେ ବ୍ୟବସ୍ଥିତ ପ୍ରାରମ୍ଭିକ ଶୈଶବ ଶିକ୍ଷା, ଦୃଢ଼ ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟ ସହାୟତାର ଆବଶ୍ୟକତା ପଡ଼ିବ – ଶିକ୍ଷା ଏବଂ ଭବିଷ୍ୟତର ଉତ୍ପାଦନ ପାଇଁ ମୂଳଦୁଆ ସ୍ଥାପିତ ହେବ । ଦ୍ରୁତ ସହରୀକରଣ, ପ୍ରବାସନ ଏବଂ କ୍ଷୁଦ୍ର ପରିବାରର ବର୍ଦ୍ଧିତ ଧାରା ଆମର ପାରମ୍ପରିକ ସାମାଜିକ ସହାୟତା ବ୍ୟବସ୍ଥାକୁ ମୌଳିକ ଭାବରେ ପରିବର୍ତ୍ତନ ଘଟାଇଛି । ଅନୌପଚାରିକ ଢାଂଚା ଉପରେ କ୍ରମଶଃ ବୃଦ୍ଧି ପାଇ ଚାଲିଥିବା ଚାପ କାରଣରୁ ବର୍ତ୍ତମାନ ସୁଲଭ, ଫଳପ୍ରଦ ଏବଂ ଗୁଣାତ୍ମକ ମାନଯୁକ୍ତ ଶିଶୁ ଯତ୍ନ ଏବଂ ପରିବାରର ସେବାର ଆବଶ୍ୟକତା କ୍ରମଶଃ ଜରୁରୀ ହୋଇପଡୁଛି । ସଂଗଠିତ ଏବଂ ସମ୍ପ୍ରଦାୟ- ଆଧାରିତ ସେବାର ଏହି ଚାହିଦା କେବଳ ମହାନଗର ସହରଗୁଡ଼ିକରେ ସୀମିତ ହୋଇ ରହିବନାହିଁ, ବରଂ ଟିୟର-୨ ଏବଂ ଟିୟର-୩ ବର୍ଗର ସହର ଏବଂ ଗ୍ରାମାଂଚଳରେ ମଧ୍ୟ ଦ୍ରୁତ ଗତିରେ ଉଭା ହେବାରେ ଲାଗିଛି । ସେବା ଅର୍ଥନୀତିରେ ପୁଞ୍ଜି ନିବେଶ ସହିତ ଏକାସଙ୍ଗେ ଅନେକ ରାଷ୍ଟ୍ରୀୟ ଲକ୍ଷ୍ୟକୁ ସୁଦୃଢ଼ କରାଯାଇପାରିବ । ଏହା ମହିଳା କର୍ମଚାରୀମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି କରେ । ଶିଶୁ ବିକାଶ ଫଳାଫଳକୁ ଉନ୍ନତ କରେ, ବୟୋବୃଦ୍ଧଙ୍କ କଲ୍ୟାଣକୁ ସୁନିଶ୍ଚିତ କରେ ଏବଂ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ନିମନ୍ତେ



ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ନୂତନ ସୁଯୋଗ ସୃଷ୍ଟି କରେ । ଯତ୍ନ ପ୍ରଣାଳୀକୁ ସଂସ୍ଥାଗତ ଏବଂ ପେସାଦାରୀ କରାଯିବା ମହିଳାମାନଙ୍କୁ ସଶକ୍ତ କରେ, ପରିବାରକୁ ସ୍ଥିରତା ପ୍ରଦାନ କରେ ଏବଂ ସାମଗ୍ରିକ ଅର୍ଥନୀତିକୁ ତ୍ୱରାନ୍ୱିତ କରେ । ଭାରତ "ଅମୃତକାଳ"ରେ ବିକଶିତ ଭାରତ ଦିଗରେ ଗତି କରୁଥିବାବେଳେ ଆମେ ଏହି ପରିବର୍ତ୍ତନକାରୀ ସତ୍ୟକୁ ସ୍ୱୀକାର କରୁ ଯେ ସାମାଜିକ ଭିତିଭୂମିକୁ ମଜଭୁତ ନକରି ବିକାଶ ସ୍ଥାୟୀ ହୋଇପାରିବ ନାହିଁ ଏବଂ ଯତ୍ନ ଅର୍ଥନୀତି ହେଉଛି ସେହି ଅତ୍ୟାବଶ୍ୟକ ମୂଳଦୁଆ । ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଆମେ ଯତ୍ନର ଅଦୃଶ୍ୟ ଶ୍ରମକୁ ସମ୍ମାନିତ କରିବା ଏବଂ ସାଂଗଠନିକ ଭାବରେ ସଶକ୍ତ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଉଛୁ । "ମହିଳା ନେତୃତ୍ୱାଧୀନ ବିକଶିତ ଭାରତ" ଗଠନ ନିମନ୍ତେ ଆମର ଦୃଷ୍ଟିକୋଣ ଏବଂ ଆଭିମୁଖ୍ୟ କେବଳ ବୋର୍ଡରୁମ ଏବଂ ପ୍ରତିଷ୍ଠାନ ମାନଙ୍କରେ ମହିଳାମାନଙ୍କ ଅଂଶଗ୍ରହଣ ପର୍ଯ୍ୟନ୍ତ ସୀମିତ ନୁହେଁ । ବରଂ ଏହା ଦୃଢ଼ ଯତ୍ନ ବ୍ୟବସ୍ଥା ଉପରେ ଆଧାରିତ, ଯାହା ମହିଳାମାନଙ୍କ ପସନ୍ଦ, ମର୍ଯ୍ୟାଦା ଏବଂ ଆର୍ଥିକ ସମ୍ଭାବନାକୁ ବିସ୍ତାର କରେ ।

***ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ***
***କେନ୍ଦ୍ର ମହିଳା ଏବଂ ଶିଶୁବିକାଶ ମନ୍ତ୍ରୀ***

# ସଶକ୍ତ ନାରୀ ସଶକ୍ତ ଦେଶ କର୍ମଶାଳା ଅନୁଷ୍ଠିତ



ପୁରୀ(ନିପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ସହଯୋଗ ରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ପୂର୍ବାହ୍ନରେ ତିନି ଦିନିଆ କାର୍ଯ୍ୟକ୍ରମ ର ଦ୍ୱିତୀୟ ଦିବସ ରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶୁଭାରମ୍ଭ କରିବା ସହ ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ । ବିଶେଷ କରି ପଢୁଥିବା ବା କର୍ମଜୀବି ମହିଳା ମାନଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ । ନିଜକୁ ଦକ୍ଷ କରିବା, ସାହସୀ ହେବା, ପରିସ୍ଥିତି ର ମୁକାବିଲା ପାଇଁ ମନୋବଳ ଦୃଢ କରିବା, ଭୟ ପରିହାର କରି କୌଶଳ ପୂର୍ଣ୍ଣ ଭାବେ ଯେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ସେଠୀ ଅନୁରୋଧ କରିଥିଲେ । ପ୍ରଥମେ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷକ ସତ୍ୟଭାମା ଦଳାଇ ପ୍ରଶିକ୍ଷଣ ଦେଇଥିଲେ । ପରେ କ୍ୟାରିଅର ଗଠନ ଓ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ଶିକ୍ଷାବିତ ସୁକାନ୍ତ କୁମାର ମହାନ୍ତି ଓ ସମାଜସେବୀ ତଥା ଦି ବେଲ ଅନୁଷ୍ଠାନ ର ମୁଖ୍ୟ ସିଦ୍ଧାର୍ଥ ରାୟ ବିଭିନ୍ନ ଉଦାହରଣ, ପ୍ରେରଣାଦାୟକ ଗଳ୍ପ ମାଧ୍ୟମରେ ବିଷଦ ଭାବେ ପ୍ରଶିକ୍ଷଣ ଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧକ୍ଷତା କରିବା ସହ ମହିଳା ମାନଙ୍କୁ ସଶକ୍ତ, ସମୃଦ୍ଧ ଓ ଆତ୍ମବିଶ୍ୱାସୀ କରାଇବା ଏହି ଶିବିର ଆୟୋଜନ ର ଉଦ୍ଦେଶ୍ୟ ବୋଲି କହିଥିଲେ । ସନ୍ତରଣ ପ୍ରଶିକ୍ଷକ ଦୀପକ କୁମାର ପାତ୍ର ଓ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ହେଲା ଜବର ଦଖଲ ଉଚ୍ଛେଦ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମପଂଚାୟତ ରେ ସଡ଼କ ଉଭୟ ପାର୍ଶ୍ୱରେ ଜବର ଦଖଲ ଉଚ୍ଛେଦ ପାଇଁ ଦୀର୍ଘ ଦିନ ନୋଟିସ ଜାରି ହୋଇଥିଲା । ଗ୍ରାମବାସୀମାନେ ସିନାପାଲି - ଖଡିଆଳ ରାଜ୍ୟ ସ୍ୱତନ୍ତ୍ର ପଥ ମାଡି ବସି କଂକ୍ରିଟ ସହର ନିର୍ମାଣ କରିଥିଲେ । ସଡ଼କ ଉପରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଥିବା ବେଳେ ସଡ଼କ ସଂକୀର୍ଣ୍ଣ ହୋଇଥିଲା । ନାମ ନର୍ଦ୍ଦମା ଜଳ ନିଷ୍କାସନ ସୁବିଧା ମଧ୍ୟ ନ ଥିଲା । ବର୍ତ୍ତମାନ ଜବର ଉଚ୍ଛେଦ ଦ୍ୱାରା ସହର ସୁନ୍ଦର୍ ହେବା ସହ ଯାତାୟତ ସୁବିଧା ମଧ୍ୟ ସଭାବିକ ହେବ । ଉପଜିଲ୍ଲାପାଳ ଶୁର୍ମି ସୋରେନ, ତହସିଲଦାର, ପୋଲିସ ବାହିନୀ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପାଦିତ ହୋଇଅଛି । ଜନସାଧାରଣ ଙ୍କୁ ସହଯୋଗ କରିବାକୁ ନାଗରିକ ଙ୍କୁ ଆହ୍ୱାନ କରିଛନ୍ତି ।

# ପାଚେରିରେ ଫାଟ ଉପରେ ରଙ୍ଗ ମାରି ଦୁର୍ନୀତିକୁ ଲୁଚାଉଛି ଠିକାଦାର

ଧାମନଗର(ନିପ୍ର): ବିଭାଗୀୟ ଅଧିକାରୀଙ୍କ ମନମୁଖୀ ନା ଠିକାଦାରଙ୍କ ସହ ମଧୁ ଚନ୍ଦ୍ରିକା ଚାଲିଛି । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ ପଂଚାୟତ ଇଟୁଆ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନାଁରେ ଚାଲିଥିବା ମହା ଘୋଟାଲା ଏବେ ପଦାରେ ପଡ଼ିଛି । ୫୪ ଲକ୍ଷ ଟଙ୍କାର ବଜେଟ, ହେଲେ କାମର ମାନ ଏତେ ନିମ୍ନ ଯେ ସ୍ଥାନୀୟ ଲୋକେ ଏହାକୁ 'ମରଣ ଯନ୍ତା' ବୋଲି କହିବା ଆରମ୍ଭ କଲେଣି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ନିର୍ମାଣାଧୀନ ଉଚ୍ଚ ପାଣିଟାଙ୍କୀ । ଏହା ଏକ ପାର୍ଶ୍ୱକୁ ଢଳି ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି । ଯଦି ଏହି ଟାଙ୍କୀରେ ହଜାର ହଜାର ଲିଟର ପାଣି ଭର୍ତି କରାଯାଏ । ତେବେ ଏହାର ଭାର ସହି ନପାରି ଏହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ, ତାହା କେହି କହିପାରିବେ ନାହିଁ । ଏହା କଣ କେବଳ ଅବହେଳା ନା ଜନସାଧାରଣଙ୍କ ଜୀବନ ସହ ଖେଳ ବୋଲି ସଧାରଣ ରେ ପ୍ରଶ୍ନବାଚି ସୃଷ୍ଟି କରିଛି । ପାଚେରି କାମ ସରିନି, କିନ୍ତୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହେଲାଣି । ଆଶ୍ଚର୍ଯ୍ୟର କଥା, ଠିକାଦାର ଏହି ଫାଟକୁ ସଜାଡ଼ିବା ବଦଳରେ ସେଥିରେ ରଙ୍ଗ ମାରି ଦୁର୍ନୀତିକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ନୂଆ ନିର୍ମାଣରେ ଏପରି ଫାଟ ଆସିବା ସିମେଂଟ ଓ ବାଲିର ଅନୁପାତରେ ବ୍ୟାପକ ହେରଫେରକୁ ସୂଚାଉଛି । ଇଟୁଆ ଏକ ବନ୍ୟା ପ୍ରବଣ ଅଂଚଳ । ଯେଉଁ ପାଚେରି ସାମାନ୍ୟ ପବନରେ ଫାଟି ଯାଉଛି, ତାହା ପ୍ରଳୟଙ୍କରୀ ବନ୍ୟା ସ୍ରୋତକୁ କେମିତି ସହିବ କାର୍ଯ୍ୟ ଅବଧି ସରିଯାଇଥିଲେ ମଧ୍ୟ କାମ ଅତି କଚ୍ଛପ ଗତିରେ ଚାଲିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀ ଫୁଁ' କରି ଉଡ଼ାଇ ଦେବା ସହ 'ସବୁ ଠିକ୍ ଅଛି' କହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯନ୍ତ୍ରୀ କେଉଁ ସୁବିଧାରେ ଏପରି ନିମ୍ନମାନର କାମକୁ ସାର୍ଟିଫିକେଟ ଦେଉଛନ୍ତି, ତାହା ତଦନ୍ତ ସାପେକ୍ଷ । ଭଦ୍ରକ ଜିଲ୍ଲାପାଳ ଏବଂ ପଂଚାୟତ ରାଜ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଏହି ସ୍ଥାନ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ମାନ ଯାଂଚ କରିବାକୁ ଅଂଚଳ ବାସୀ ଦାବି କରିଛନ୍ତି ।

# ନୀହାରକନ୍ୟା ସାହିତ୍ୟ ସଂସଦର ୨୯ତମ ବାର୍ଷିକ ଉତ୍ସବ

ସୋର(ନିପ୍ର): କବିତାଟିଏ ଲେଖିବା ପରେ ତାହା ଆଉ କବିର ହୋଇ ରହେନାହିଁ । ନିଜସ୍ୱ ଗାରିମାରେ ତାହା ଝଲସି ଉଠେ, ତହାହିଁ କବିତାର ଅହମିକା ଓ ସାହିତ୍ୟର ସୌନ୍ଦର୍ଯ୍ୟ ବୋଲି ସୋର ଶିଙ୍ଗାଖୁଂଟା ନୂଆଗାଁ ନୀହାରକନ୍ୟା ସାହିତ୍ୟ ସଂସଦର ୨୯ ତମ ବାର୍ଷିକ ଉତ୍ସବରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଦେବଗିରି ପାଦଦେଶ ଭଳି ପ୍ରାକୃତିକ ପରିବେଶରେ ସାହିତ୍ୟର ପ୍ରକୃତ ଉତ୍ସ ଥାଏ, ଯାହା ଆଜିର ସମାବେଶ ତା'ର ପ୍ରମାଣ ଦେଇଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ କହିଲେ ଯେ ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ ଓ ଆନନ୍ଦର କାରୁକାର୍ଯ୍ୟକୁ ବୁଝୁଥିବା ସାହିତ୍ୟ କହେ ମଣିଷର କେବେବି ପରାଜୟ ନାହିଁ ଏବଂ ପ୍ରତ୍ୟେକ ସକାଳ ଗୋଟେ ଗୋଟେ ନୂଆ ସକାଳ । ବରେଣ୍ୟ ଅତିଥି ଭାବେ କବି ଶ୍ରୀଦେବ ଯୋଗଦେଇ କହିଲେ ଯେ ଓଡ଼ିଶାର ସାରସ୍ୱତ ସାଧକଙ୍କ ସମାବେଶ କହିଲେ ନୀହାରକନ୍ୟାକୁ ବୁଝାଏ । ସମ୍ମାନିତ ଅତିଥି ଗାଳ୍ପିକ ଗଂଗାଧର ବିଶ୍ୱାଳ, କବି କିଶୋର ପାଣିଗ୍ରାହୀ ଓ ଶଙ୍କର୍ଷଣ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାକୁ ପରିଚାଳନା କରିଥିଲେ ନୀହାରକନ୍ୟା ସାହିତ୍ୟ ସଂସଦର ସଂପାଦକ ସୁରଂଜନ ପାତ୍ର । ସରପଂଚ ଅନାଦି ଚରଣ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଚନ୍ଦ୍ରମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତି ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର ମୁଖପତ୍ର 'ନୀହାର କନ୍ୟା' ଶ୍ରୀ ପାତ୍ରଙ୍କ କବିତା ପୁସ୍ତକ 'ମେଘ ଫୁଲ' ଓ ସନ୍ତୋଷିନୀ ଦାସଗିରିଙ୍କ ଗଳ୍ପ ସଂକଳନ ' ଜୀବନର ମାନସାଙ୍କ' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିଜୟ ମହାପାତ୍ର, ଦେବେନ୍ଦ୍ର ଚୌଧୁରୀ, ଆଦିତେଶ୍ୱର ମିଶ୍ର, ଉମାକାନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ରମେଶ ଚନ୍ଦ୍ର ମିଶ୍ର, ରଂଜନା ପଣ୍ଡା, ସଂଜୟ ପଣ୍ଡା, ପ୍ରତିଭା ଖିଲାର, ରୀତାଞ୍ଜଳି ମହାରଣା, ବିମ୍ବ ରଂଜନ ପତି, ସ୍ନେହଲତା ଦାସ ଲେଙ୍କ ଓ ବଳବନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ଅଧିବେଶରେ ରାଜ୍ୟସ୍ତରୀୟ କବିତାପାଠୋତ୍ସବକୁ ଔପନ୍ୟାସିକ ସୁନୀଲ ମିଶ୍ର ମୈତ୍ରେୟ । କବି ବିଜୟ ରାୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କବି ହିମାଂଶୁ ପରିଡ଼ା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ କବି ସୁବ୍ରତ ଦାସ ସମ୍ମାନିତ ଅତିଥି ଭରାବ କବୀ ସ୍ୱୟଂପ୍ରଭା ରଥ ଯୋଗଦେଇଥିଲେ । କବି ମିତା ପଟ୍ଟନାୟକ ଓ ଡ.ସଂଯୁକ୍ତା ପରିଡ଼ା ସାଂଯାଜନା କରିଥିବା ବେଳେ ପତିତପାବନ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଲବ୍ଧ ପ୍ରତିଷ୍ଠିତ କବିମାନେ ଯୋଗଦେଇ କବିତାପାଠ କରିଥିଲେ ।



# ରାଷ୍ଟ୍ରପତିଜୀଙ୍କ ପ୍ରତି ଅସମ୍ମାନ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ସାନ୍ତାଳ ସଂସ୍କୃତି ପ୍ରତି ଅସାଧାରଣ ବ୍ୟବହାରକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଜୀଙ୍କ ପ୍ରତି ଅସମ୍ମାନ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ସାନ୍ତାଳ ସଂସ୍କୃତି ପ୍ରତି ଅସାଧାରଣ ବ୍ୟବହାର ସହିତ ଜଡିତ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ବିକାଶ ଲଜ୍ଜାଜନକ ଏବଂ ଅଭୂତପୂର୍ବ ଏବଂ ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି ଘଟଣା ଦ୍ୱାରା ଗଭୀର ଭାବରେ ମର୍ମାହତ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରପତି ଜୀଙ୍କ ଦ୍ୱାରା ପ୍ରକାଶିତ ଯନ୍ତ୍ରଣା ଏବଂ ଯନ୍ତ୍ରଣା, ଯିଏ ନିଜେ ଏକ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି, ଭାରତର ଲୋକଙ୍କ ମନରେ ଅତ୍ୟନ୍ତ ଦୁଃଖ ସୃଷ୍ଟି କରିଛି । ଶ୍ରୀ ମୋଦୀ କହିଛନ୍ତି ଯେ ପଶ୍ଚିମବଙ୍ଗର ଟିଏମସି ସରକାର ସମସ୍ତ ସୀମା ଅତିକ୍ରମ କରିଛି ଏବଂ ରାଷ୍ଟ୍ରପତିଙ୍କ ପ୍ରତି ଏହି ଅପମାନ ପାଇଁ ସେମାନଙ୍କ ପ୍ରଶାସନ ଦାୟୀ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହା ସମାନ ଦୁର୍ଭାଗ୍ୟଜନକ ଯେ ସାନ୍ତାଳ ସଂସ୍କୃତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପଶ୍ଚିମବଙ୍ଗ ସରକାର ଏତେ ହାଲୁକା ଭାବରେ ବ୍ୟବହାର କରୁଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ରାଜନୀତିଠାରୁ ଉର୍ଦ୍ଧ୍ୱରେ ବୋଲି ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟାଳୟର ପବିତ୍ରତାକୁ ସର୍ବଦା ସମ୍ମାନ କରାଯିବା ଉଚିତ । ସେ ଆଶା ପ୍ରକାଶ କରିଛନ୍ତି ଯେ ପଶ୍ଚିମବଙ୍ଗ ସରକାର ଏବଂ ଟିଏମସି ମଧ୍ୟରେ ଉତମ ବୁଦ୍ଧି ପ୍ରଚଳିତ ହେବ । 'ଏହା ଲଜ୍ଜାଜନକ ଏବଂ ଅଭୂତପୂର୍ବ । ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିରାଶ ହୋଇଛନ୍ତି ।ରାଷ୍ଟ୍ରପତି ଜୀଙ୍କ ଦ୍ୱାରା ପ୍ରକାଶିତ ଯନ୍ତ୍ରଣା ଏବଂ ଯନ୍ତ୍ରଣା, ଯିଏ ନିଜେ ଏକ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି, ଭାରତର ଲୋକଙ୍କ ମନରେ ଅତ୍ୟନ୍ତ ଦୁଃଖ ସୃଷ୍ଟି କରିଛି । ପଶ୍ଚିମ ବଙ୍ଗର ଟିଏମସି ସରକାର ପ୍ରକୃତରେ ସମସ୍ତ ସୀମା ଅତିକ୍ରମ କରିଛି । ରାଷ୍ଟ୍ରପତିଙ୍କ ପ୍ରତି ଏହି ଅପମାନ ପାଇଁ ସେମାନଙ୍କର ପ୍ରଶାସନ ଦାୟୀ । ଏହା ସମାନ ଭାବରେ ଦୁର୍ଭାଗ୍ୟଜନକ ଯେ ସାନ୍ତାଳ ସଂସ୍କୃତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପଶ୍ଚିମବଙ୍ଗ ସରକାର ଏତେ ସହଜରେ ବ୍ୟବହାର କରନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଏବଂ ଏହି କାର୍ଯ୍ୟାଳୟର ପବିତ୍ରତାକୁ ସର୍ବଦା ସମ୍ମାନ କରାଯିବା ଉଚିତ । ପଶ୍ଚିମବଙ୍ଗ ସରକାର ଏବଂ ଟିଏମସି ମଧ୍ୟରେ ଉତମ ବୁଦ୍ଧି ପ୍ରଚଳିତ ହେବ ବୋଲି ଆଶା କରାଯାଉଛି ।' ଏହା ଲଜ୍ଜାଜନକ ଏବଂ ଅଭୂତପୂର୍ବ । ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିରାଶ ହୋଇଛନ୍ତି ।



# ଏକାଧିକ ପ୍ରତିଭାର ଅଧିକାରିଣୀ ସମୟଶ୍ରୀ

କେନ୍ଦୁଝର(ନି.ପ୍ର.) ବହୁ ପ୍ରତିଭାର ଅଧିକାରିଣୀ ସମୟଶ୍ରୀ,ମହିଳା ବୋଲି କେବେହେଲେ ନିଜକୁ ଦୁର୍ବଳ ନଭାବି କର୍ତ୍ତବ୍ୟ ରେ ବ୍ରତୀ ହୋଇ ପ୍ରଶଂସିତ ହେଉଛନ୍ତି ସେ । ସରକାରୀ ହେଉ ବା ବେସରକାରୀ ସମସ୍ତ ମଂଚ ରେ ନିଜ ସୁମଧୁର କଣ୍ଠ ରେ ସୁନ୍ଦର ଶବ୍ଦ ସଂଯୋଜନା କରି ଉପସ୍ଥିତ ମଂଚାସିନ ଅତିଥି ଏବଂ ଉପସ୍ଥିତ ଦର୍ଶକ ମନ୍ତ୍ର ମୁଗ୍ଧ କରିଥାନ୍ତି ସମୟଶ୍ରୀ । ସରକାରୀ ବିଦ୍ୟାଳୟ ରେ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ତୁଲାଇବା ସହିତ ଅବଶିଷ୍ଟ ସମୟରେ ମଂଚରେ ଉପସ୍ଥାପନା କରିବା ହେଉ ବା ସୁମଧୁର କଣ୍ଠରେ ଗୀତ ଗାଇ କେନ୍ଦୁଝର ଜିଲ୍ଲା ସହିତ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ପାଇଛନ୍ତି ସମୟଶ୍ରୀ । ଜଣେ ଦକ୍ଷ ଉପସ୍ଥାପିକା ଭାବେ ଯୁବ ସମାଜ ପାଇଁ ଉଦାହରଣ ତଥା ପ୍ରେରଣା ସାଜିଛନ୍ତି ସେ । କେନ୍ଦୁଝର ସହର ନିକଟସ୍ତ ନେଲୁଙ୍ଗ ର ବେବର୍ତ୍ତାପଶି ଗ୍ରାମରେ ରହୁଥିବା ସ୍ମୃତି ବାନାର୍ଜୀ ଏବଂ ମହେଶ କୁମାର ଚାଟାର୍ଜୀ ଙ୍କ ଝିଅ ସମୟଶ୍ରୀ ଚାଟାର୍ଜୀ ପିଲା ଦିନୁ ପାଠପଢା ସହିତ ନିଜ ମଧ୍ୟରେ ଥିବା ପ୍ରତିଭାକୁ ପ୍ରସ୍ଫୁଟିତ କରିବାପାଇଁ ଜୀବନ ଯାତ୍ରା ଆରମ୍ଭ କରିଦେଇଥିଲେ ସମୟଶ୍ରୀ ଚାଟାର୍ଜୀ । ବାପା ଏବଂ ମା ଅଧ୍ୟାପକ ଏବଂ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ସମୟରେ ସାମାଜିକ ବ୍ୟବସ୍ଥା ମଧ୍ୟରେ ବହୁବିଧ ପ୍ରତିଭା ରେ ସଫଳତା ପାଇବା ସମୟଶ୍ରୀଙ୍କ ପରି ଜଣେ ମହିଳା ହିସାବରେ ସଂଘର୍ଷ ଭରା ଥିଲା । କିନ୍ତୁ ସେ ଜାଣିଥିଲେ ଏହି ସଂଘର୍ଷ ଆଗରେ ସଫଳତା ଦିନେ ନିଶ୍ଚିତ ତାଙ୍କ ମସ୍ତକର ମୁକୁଟ ସାଜିବ, ଯାହା ଏବେ ତାଙ୍କୁ ବିଭିନ୍ନ ମଂଚରେ ସମ୍ବର୍ଦ୍ଧନା ତଥା ସମ୍ମାନ ପୂର୍ବକ ପ୍ରାପ୍ତ ହେଉଛି । ୨୦୧୬ ମସିହାରୁ ସରକାରୀ ଉଚ୍ଚ ବିଦ୍ୟାଳୟର ସହାୟକ ଶିକ୍ଷୟିତ୍ରୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନିର୍ମାଣ କରିବା ସହିତ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ମଂଚରେ ଉପସ୍ଥାପିକା ଭାବେ ପରିଚୟ ସୃଷ୍ଟି କରିଛନ୍ତି । ଏହାସହ ସେ ମଧ୍ୟ ସୁମଧୁର କଣ୍ଠରେ ସଂଗୀତ ପରିବେଷଣ କରିବା ସହିତ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏବଂ ତପୁ ମିଶ୍ରଙ୍କ ସହିତ ଗୀତ ଗାଇ ସମଗ୍ର ଓଡିଶାରେ ସ୍ୱତନ୍ତ୍ର ପରିଚୟ ର ଅଧିକାରିଣୀ ହୋଇଛନ୍ତି ସମୟଶ୍ରୀ । ଅଲ ଇଣ୍ଡିଆ ରେଡ଼ିଓ ର ଯୁବ ବାଣୀ କାର୍ଯ୍ୟକ୍ରମ ରେ ଉପସ୍ଥାପିକା ଭାବେ ୮ବର୍ଷ ରୁ ଅଧିକ କାର୍ଯ୍ୟ କରିବା ସହିତ ଆକାଶବାଣୀ କଟକରେ ନୂତନ ପ୍ରତିଭା କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ସରକାରୀ ଏବଂ ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ହେଉ ବା ମହାମହିମ ରାଷ୍ଟ୍ରପତି ଙ୍କ କାର୍ଯ୍ୟକ୍ରମ ରେ ଉପସ୍ଥାପିକା ଭାବେ ଉଚ୍ଚକୋଟୀର ମଂଚ ପରିଚାଳନା କରି ପ୍ରଶଂସିତ ହୋଇଛନ୍ତି । ଇଟିଭି ଓଡ଼ିଆର ରାଜାର ରାଜକୁମାରୀ ରିଆଲିଟି ଶୋ'ର ଫାଇନାଲିଷ୍ଟ ଭାବେ ସମ୍ମାନ ପାଇବା ସହିତ ପ୍ରାର୍ଥନା ଚ୍ୟାନେଲରେ ପ୍ରାର୍ଥନା ପ୍ରତିଭା ପୁରସ୍କାର ବିଜେତା ହେବା ସହିତ ଆମରି ସ୍ୱର, ଭଏସ୍ ଅଫ୍ ଓଡ଼ିଶା, ଭକ୍ତି ର ସ୍ୱର ଇତ୍ୟାଦି ବିଭିନ୍ନ ରିଆଲିଟି ଶୋ'ରେ ଅଂଶଗ୍ରହଣ କରି ବେଶ ଚର୍ଚ୍ଚିତ ହୋଇପାରିଛନ୍ତି ସମୟଶ୍ରୀ । ସେ ଜଣେ ବହୁ ପ୍ରତିଭାର ଅଧିକାରିଣୀ ହୋଇ ମଧ ମିଷ୍ଟଭାସି ଭଦ୍ର ମିଳାପି ମହିଳା ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ପାଇଛନ୍ତି । ମହିଳା ଅବଳା କି ଦୁର୍ବଳା ନୁହ ନିଷ୍ଠାର ସହିତ କାର୍ଯ୍ୟ କଲେ ପ୍ରତିଟି ମହିଳା ସଫଳତାର ଶୀର୍ଷ ରେ ପହଂଚିବା ସହିତ ସମ୍ମାନର ସହିତ ବଂଚିପାରିବେ ବୋଲି ମହିଳା ଦିବସ ଉପଲକ୍ଷେ କହିଛନ୍ତି ସମୟଶ୍ରୀ ।



# ନୀଳଗିରି ବିଧାୟକଙ୍କ ବସନ୍ତ ବନ୍ଧୁ ମିଳନ ଉତ୍ସବ

ନୀଳଗିରି,(ନି.ପ୍ର.)ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କ ଫାର୍ମ ହାଉସରେ ବସନ୍ତ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତିରେ ଆଜି ମୁଁ ଅଛି କାଲି ନଥାଇ ପାରେ, କିନ୍ତୁ ସେବା ମନୋବୃତି ସବୁବେଳେ ମୋ ମନରେ, ଥିଲା, ଅଛି ରହିଥିବ ମଧ ବୋଲି କହିଥିଲେ । ମୁଁ କେବଳ ବିଧାୟକ ନୁହେଁ, ବରଂ ସାରା ନିର୍ବାଚନ ମଣ୍ଡଳୀର ଜଣେ ସେବକ ବୋଲି ସେ କହିଥିଲେ । ଏଥିପାଇଁ ସେ ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ (ଏସକେଏଫସି) ନାଁରେ ଏକ ଚାରିଟେବୁଲ ଟ୍ରଷ୍ଟ ଗଢ଼ିଛନ୍ତି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅସହାୟ, ଦୀନ ଦୁଃଖୀଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇପାରିବ ।



ଅନ୍ୟାୟ ଅତ୍ୟାଚାର ବିରୋଧରେ ଏହି ବ୍ଲକ ସ୍ୱର ଉତୋଳନ କରିପାରିବ । ଅନାଥାଶ୍ରମ, ବୃଦ୍ଧାଶ୍ରମରେ ନିରାଶ୍ରୟଙ୍କୁ ସେବା ଯୋଗାଇପାରିବ, ଏପରିକି ଲୋକଙ୍କ ସର୍ବବୃଦତ ସ୍ୱାର୍ଥରେ ଏହି ଟ୍ରଷ୍ଟ ଦିବାରାତ୍ର ଛିଡ଼ା ହେବ ବୋଲି ସେ କହିଛନ୍ତି । ଏନେଇ ପ୍ରଥମ ଦିବସରେ ୩ ହଜାରରୁ ଉର୍ଦ୍ଧ ସଭ୍ୟ ସଂଗ୍ରହ କରାଯାଇଥିଲା । ଆଗକୁ ଏହାକୁ ବ୍ୟାପକ କରାଯାଇ ନିରବଚ୍ଛିନ୍ନ ସେବା ଯୋଗାଇ ଦେବ ବୋଲି ଆହ୍ୱାନ ଦେଇଥିଲେ । ସେପଟେ ଏହି ଟ୍ରଷ୍ଟକୁ ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦାନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସନ୍ତୋଷଙ୍କ ସଂଖ୍ୟାଧିକ ସମର୍ଥକ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ମହିଳାଙ୍କୁ ଶାଢ଼ି ଓ ପୁରୁଷଙ୍କୁ ଟିସାର୍ଟ ବଂଟନ କରାଯାଇଛି ।ଓଡିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଏବଂ ଅନ୍ୟ କଳାକାରଙ୍କ ଦ୍ୱାରା ଚିତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଖାଦ୍ୟରେ ୩୦ ରୁ ଉର୍ଦ୍ଧ ପ୍ରକାରର ବ୍ୟଞ୍ଜନ ପରସା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷଙ୍କ ଧର୍ମପତ୍ନୀ ସ୍ନେହଲତା ଖଟୁଆ, ପୁଅ ଡା. ଜୀବନ ପ୍ରତୀକ, ଝିଅ ଅଙ୍କିତାଙ୍କ ସମେତ ବରିଷ୍ଠ ବିଜେପି ନେତା ଶିଶିର ରାଉତ, ବିଜୟ ଆଚାର୍ଯ୍ୟ, କୃତିବାସ ବେହେରା, ମନୋରଞ୍ଜନ ମହାନ୍ତି, ଅଶୋକ ପ୍ରଧାନ, ସୁରଞ୍ଜନ ମହାପାତ୍ର, ସମରଶଙ୍କର କାନୁନଗୋ, ଚନ୍ଦ୍ରଶେଖର ନନ୍ଦ, ମନୋରଞ୍ଜନ ବେହେରା, ଦୀପ୍ତିକାନ୍ତ ପୃଷ୍ଟି, ରଜନୀ ମହାନ୍ତିଙ୍କ ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀର ତିନି ବ୍ଲକ ର ବିଜେପି କର୍ମକର୍ତା, ନିର୍ବାଚିତ ଜନ ପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରୋଟାରୀ କ୍ଲବ ତରଫରୁ ମଣ୍ଡଳ କାରାଗାରରେ ଚଷମା ବଂଟନ

ବାରିପଦା(ନି.ପ୍ର.) ବାରିପଦା ମଣ୍ଡଳ କାରାଗାରରେ ଅନ୍ତେବାସୀ ମାନଙ୍କ ନିମନ୍ତେ ୨୧ ଜାନୁଆରୀରେ ଅନୁଷ୍ଠିତ ହୋଇଥିବା ଚକ୍ଷୁ ଚିକିତ୍ସା ଶିବିରରେ ୪୧ ଜଣଙ୍କ ପାଇଁ ପାୱାର ଚଷମାର ଆବଶ୍ୟକତା ଅଛି ବୋଲି ଚକ୍ଷୁ ବିଶେଷଜ୍ଞମାନେ କମ୍ପ୍ୟୁଟର ପରୀକ୍ଷା ମାଧ୍ୟମାର ପ୍ରେସକ୍ରିପସନ କରିଥିଲେ. ତଦନୁଯାୟୀ କ୍ଲବ ଆନୁକୂଲ୍ୟରେ ଚଷମା ତିଆରି କରି ଉପରୋକ୍ତ ୪୧ ଜଣ ଅନ୍ତେବାସୀଙ୍କୁ ପାୱାର ଚଷମା ପ୍ରଦାନ କରାଯାଇଛି. ଉକ୍ତ କାର୍ଯ୍ୟକ୍ରମରେ କାରାଗାରର ବରିଷ୍ଠ ଅଧିକ୍ଷକ ମାନାରଞ୍ଜନ ପ୍ରତିହାରୀ, କାରାପାଳ ଶଶିକାନ୍ତ ମାହାଳିକ, କ୍ଲବ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପ୍ରାକ୍ତନ ସଭାପତି ରବିନାରାୟଣ ମହାପାତ୍ର, ସୁନୀତ ପୁରୀ ଓ ଡ଼ଃ ପୁଷ୍ପା ପାତ୍ର, ରୋଟାରିଆନ ଧରିତ୍ରୀ ପ୍ରହରାଜ ସହିତ ଦୁଇଜଣ ଅତିଥି ଆଶିଷ କୁମାର




ବସା ଓ ରୋହିତ କୁମାର ରାଉଳ ଉପସ୍ଥିତ ଥିଲେ. ଉକ୍ତ କାର୍ଯ୍ୟକ୍ରମର ପ୍ରକଳ୍ପ ଅଧ୍ୟକ୍ଷସନ୍ଦୀପ କାମାର ଚାନ୍ଦ ବାରିପଦା ରୋଟାରୀ କ୍ଲବର ସଦସ୍ୟ ମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

# ଗଣଗୌର ମେଳା ଏବଂ ପ୍ରଦର୍ଶନୀ

କଟକ(ନି.ପ୍ର)ମାତୃଶକ୍ତି କଟକ ମାରୱାଡି ସମାଜ ଏବଂ ଓ ମାଇ ଗିଫ୍ଟ ଦ୍ୱାରା ଆୟୋଜିତ ଗଣଗୌର ମେଳା ଏବଂ ପ୍ରଦର୍ଶନୀ ସମ୍ପ୍ରତି ମୋଡାଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ସାଂସ୍କୃତିକ ବେଶ ଭୂଷାରେ ଗଣଗୌର ମା' ଙ୍କ ଉପରେ ଆଧାରିତ ପ୍ରସ୍ତୁତି, ଯେଉଁଥିରେ ମୋଟ ୧୪ଜଣ ମହିଳା ଅଂଶଗ୍ରହଣ କରିଥିଲେ । ଛୋଟ ଛୋଟ ଶିଶୁମାନେ ମଧ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରସ୍ତୁତ ହୋଇ ସମସ୍ତଙ୍କ ହୃଦୟ ଜିତିଥିଲେ ଓ ସମସ୍ତଙ୍କ ପ୍ରଶଂସା ଲାଭ କରିଥିଲେ । ଏହି ପ୍ରଦର୍ଶନୀରେ ମୋଟ ୪୨ଟି ଷ୍ଟଲ୍ ଲାଗିଥିଲା । ପ୍ରଦର୍ଶନୀରେ ପାରମ୍ପରିକ ପୋଶାକ, ହସ୍ତନିର୍ମିତ ସାମଗ୍ରୀ, ଉତ୍ସବ ଉପଲକ୍ଷେ ବିଶେଷ କଲେକ୍ସନ୍ ଏବଂ ଲାଇଫ୍ ?ଷ୍ଟାଇଲ୍ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀର ଆକର୍ଷଣୀୟ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା, ଯାହା କଟକର ଲୋକମାନଙ୍କ ପାଇଁ ଜୀବନ୍ତ କ୍ରୟବିକ୍ରୟ ଓ ସାଂସ୍କୃତିକ ଅନୁଭବ ପ୍ରଦାନ କରିଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋଷ ଓ ବିଶିଷ୍ଟ ଅତିଥି ଭାବେ କଟକ ମାରୱାଡି ସମାଜର ଅଧ୍ୟକ୍ଷ ସଞ୍ଜୟ ଶର୍ମା ଉପସ୍ଥିତି ଥିଲେ । ସେହିପରି ବିଜୟ ଖଣ୍ଡେଲୱାଲ, ପବନ ଜାଜୋଡିଆ, ସୁରେଶ କମାନୀ, ପବନ ଚୌଧୁରୀ ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ଅଧିକ ଗରିମାମୟ କରିଥିଲେ । ଏଥିସହିତ ଆୟୋଜକ ଓ ଅଂଶଗ୍ରାହୀମାନଙ୍କ ପ୍ରୟାସକୁ ପ୍ରଶଂସା କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସଙ୍ଗୀତା କରଣାନୀ, ସୁନୀତା ଖେମକା, ପଲ୍ଲବୀ ସୁଲତାନିଆ, ନୀଳା ଝୁଞ୍ଜୁନୱାଲା, ନୀଳମ ସାହା, ରଶ୍ମି ମିତଲ, ଯଶ କାନ୍ଦୋଇ, କଳ୍ପନା ଜୈନ, କୃଷ୍ଣ ହରଲାଲକା, ଅଲକା ସିଂଘୀ ଆଦିଙ୍କ ପୂର୍ଣ୍ଣ ସହଯୋଗ ରହିଥିଲା ।

# ମା'ରାବାୟଣୀ ପୀଠରେ କଂଗ୍ରେସ ନେତାଙ୍କ ପୂଜାର୍ଚ୍ଚନା

ନୀଳଗିରି(ନି.ପ୍ର.) ନୀଳଗିରି ଏନ୍ ଏ ସି ଅନ୍ତର୍ଗତ ବାଣପୁର ଗ୍ରାମ ରେ ଅଧିଷ୍ଠିତ ପ୍ରତ୍ୟକ୍ଷ ଦେବୀ ମା'ରାବାୟଣୀ ପୀଠରେ କଂଗ୍ରେସ ଦଳ ପକ୍ଷରୁ ଗ୍ରାମବାସୀ ଙ୍କ ଅନୁରୋଧ କ୍ରମେ ଏକ ବନ୍ଧୁ ମିଳନ ଉତ୍ସବ ରେ ମା ଙ୍କ ପୂଜା ଅର୍ଚ୍ଚନା ଓ ଗାୟତ୍ରୀ ପରିବାର ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଏକ ଆଧାତ୍ମିକ ଓ ଭାବମୟ ପରିବେଶ ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମା'ରାବାୟଣୀ ମନ୍ଦିର କମିଟିର ସମ୍ପାଦକ ମାର୍କଣ୍ଡ ବେହେରା , ଶଶିକାନ୍ତ ବେହେରା, ଭଗବାନ ବେହେରା , ନୀଳକଣ୍ଠ ବେହେରା , ମହେନ୍ଦ୍ର କୁମାର ରଣା , ପୂର୍ଣ୍ଣଚନ୍ଦ୍ର ବେହେରା , ମାୟାଧର ପଣ୍ଡା , ଜଗତ କୁମାର ବେହେରା, ରଶ୍ମି ରଞ୍ଜନ ବେହେରା , ଜଗବନ୍ଧୁ ବେହେରା , ବିଶ୍ୱମ୍ବର ବେହେରା , ଶୁଭ ନାରାୟଣ ପ୍ରଧାନ , ପ୍ରଦୀପ ବେହେରା , ଶରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ସମାଜ ସେବୀ ତଥା ବ୍ଲକ କଂଗ୍ରେସ୍ ସଭାପତି



ତପନ କୁମାର ରାଉତ, ଜିଲ୍ଲା କଂଗ୍ରେସ୍ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା , ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମକୃଷ୍ଣ ଜେନା , ବରିଷ୍ଠ କଂଗ୍ରେସ ନେତା ଇଂ ଦୀପ୍ତିକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସମରେନ୍ଦ୍ର ଦାସ , ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯଶୋଦା ନନ୍ଦନ ସିଂହ , ଯୁବ କଂଗ୍ରେସ ନେତା ଅଶ୍ୱିନୀ କୁମାର ପାତ୍ର, ସାଲୁ ଦାସ , ଚକ୍ରଧର ଦାସବାବୁ, ସୁରେନ୍ଦ୍ର ଦାସ , ଉମେଶ ଧଳ, କୁନା ଦାସ, ପ୍ରଦୀପ ବେହେରା , ବିଦ୍ୟାଧର ମହାନ୍ତି ପ୍ରମୁଖ ଶତାଧିକ କଂଗେସ ର ନେତୃବୃନ୍ଦ ଯୋଗ ଦେଇଥିବା ବେଳେ ଗାୟତ୍ରୀ ପରିବାର ପକ୍ଷରୁ ଯତୀନ୍ଦ୍ର ଭୋଳ, କାର୍ତ୍ତିକ ଲେଙ୍କା , ଗୋବିନ୍ଦ ଖଣ୍ଡେଇ , ରମେଶ ଚନ୍ଦ୍ର ବାରିକ୍ ଙ୍କ ସମେତ ନୀଳଗିରି ଗାୟତ୍ରୀ ପରିବାରର ବହୁ ସଦସ୍ୟ, ସଦସ୍ୟା ଏହି ପୂଜାର୍ଚ୍ଚନା ଓ ବିଶ୍ୱ ଶାନ୍ତି ମହାଯଜ୍ଞରେ ଭାଗ ନେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିବା ଦେଖା ଯାଇଛି । ଅନ୍ୟ ପକ୍ଷରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ମାଆ ଙ୍କ ପୀଠରେ ପ୍ରସାଦ ସେବନ କରିବା ସାହିତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ୧୦ ତାରିଖରୁ ଆରମ୍ଭ ହେଉଥିବା ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.) ଚଳିତ ମାର୍ଚ୍ଚ ମାସ ୧୦ ତାରିଖରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତିକ୍ଷିତ ଚୈତ୍ର ପର୍ବ ଆରମ୍ଭ ହେବାକୁ ଯାଉଛି । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଚୈତ୍ର ପର୍ବ ସରସ ଓ ସୁନ୍ଦର ଭାବରେ ପାଳନ ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ମାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ ମାସର ୪ ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ଏହି ପର୍ବ ଅନୁଷ୍ଠିତ ହେବ । ବୈଠକରେ ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ ଓ ପାନୀୟ ଜଳର ସଠିକ ବିନିଯୋଗ, ମନ୍ଦିରର ସାଜସଜ୍ଜା ଓ ଆଲୋକୀକରଣ ତାସହ ଦେଶର ଆଦିଶକ୍ତି ପୀଠ ଓ ସମସ୍ତ ଶକ୍ତି ପୀଠର କୁଞ୍ଜ ତୋରଣ ନିର୍ମାଣ, ଦୁଇଟି ସ୍ଥାନରେ ଯଥା ଦିଗନ୍ତ ଓ ସହଦେବ ଛକରେ ଅନ୍ନ ପ୍ରସାଦ ବ୍ୟବସ୍ଥା, ମୁଣ୍ଡନ ସ୍ଥାନରେ ଆଲୋକୀକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଦୈନିକ ପୂଜାବିଧି ଓ ପ୍ରତି ପାଳିର ଯଜ୍ଞ ପାଇଁ ଗୋଟିଏ ସ୍ଥାନରେ ସୁବନ୍ଦୋବସ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ନିୟନ୍ତ୍ରଣ, ଯାନବାହାନ ରକ୍ଷଣ ସ୍ଥଳ,



ପର୍ଯ୍ୟାପ୍ତ ଭ୍ରାମ୍ୟମାଣ ଶୌଚାଳୟ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ପାଇଁ ଦୁଇଟି ଶୀତତାପ ନିୟନ୍ତ୍ରିତ ରୁମ ଓ ଆବଶ୍ୟକୀୟ ଆମ୍ବୁଲାନ୍ସ ବ୍ୟବସ୍ଥା, ଯୁଦ୍ଧକାଳୀନ ଭିତିରେ ରାସ୍ତା ମରାମତି, ଆକର୍ଷଣୀୟ ଭଜନ ସମାରୋହ, ଗମନାଗମନ, ମାଦକ ଦ୍ରବ୍ୟ ବିକ୍ରୟ ଉପରେ କଟକଣା ଆଦି ସମସ୍ତ ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା ଏବଂ ପୂର୍ବ ବର୍ଷ ଦେଖାଯାଇଥିବା ସମସ୍ୟାକୁ ଆଖି ଆଗରେ ରଖି ଆନ୍ତରିକତାର ସହ ଏ ବର୍ଷ ସମସ୍ତ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି । ସର୍ବ ସହମତି କ୍ରମେ ଚୈତ୍ର ପର୍ବ ସମୟରେ ମନ୍ଦିର ଉପରକୁ ଯିବାପାଇଁ ବସ ଭଡା ୩୯ ଟଙ୍କା ଓ ରୋପୱେ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପର୍ବ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ବାସ୍ପ ଯୁକ୍ତ ଜଳ ଛିଂଚନ କରିବା ପାଇଁ ମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ ମାଙ୍କ ପୂଜାର୍ଚ୍ଛନା ପାଇଁ କେବଳ ଭଲ ଘିଅ ବ୍ୟବହାର କରାଯିବ । ଡୁପ୍ଲିକେଟ ଘିଅ ବିକ୍ରି ନ କରିବାକୁ ଓ ପୂଜାର୍ଚ୍ଚନା ସମୟରେ ବ୍ୟବହାର ନ କରିବାକୁ ଉଭୟ କ୍ରେତା ଓ ବିକ୍ରେତା ମାନଙ୍କୁ ଅନୁରୋଧ କରାଯାଇଛି । ମା ତାରାତାରିଣୀଙ୍କ ୱେବସାଇଟକୁ ଅଧିକ ସାବଲୀଳ ଓ କ୍ରିୟାଶୀଳ କରାଯିବା ପାଇଁ ମଧ ନିଷ୍ପତି ନିଆଯାଇଛି ।

ବୈଠକରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜ଼ିଲ୍ଲାପାଳ ଭି କୀର୍ତି ୱାସନ, ଅତିରିକ୍ତ ଜ଼ିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜ଼ିଲ୍ଲାପାଳ ଶୁଭାଶିଷ ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପୁରୁଷୋତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ପୁରୁଷୋତମପୁର ଶରତ କୁମାର ପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା,ବରିଷ୍ଠ ସେବାୟତ ବାପୁଜୀ ରଣା ସମେତ ବିଭାଗୀୟ ଅଧିକାରୀ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ ।

# ଜୁନିଅର୍ ଡାକ୍ତର ମାନଙ୍କର ସାମ୍ବାଦିକ ସମ୍ମିଳନୀ

କଟକ : (ନି.ପ୍ର)ଭାରତୀୟ ଚିକିତ୍ସକ ସଂଘ୍ ଜୁନିଅର ଡ଼ାକ୍ତର ନେଟୱାର୍କ ତରଫରୁ ଆଜି କଟକ ଆଇ.ମ.ଏ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନସ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ପୂର୍ବ ସଭାପତି ଡ. ଜୟନ୍ତ କୁମାର ପଣ୍ଡା, ଡ. ବ୍ରଜ କିଶୋର ଦାସ,ଡ.ଜନ୍ମେଜୟ ମହାପାତ୍ର,ଡ. ଦେବପ୍ରସାଦ ମହାନ୍ତି ଓ ଡ. ଦୀପକ ଦାସ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଏପ୍ରିଲ ମାସ ୧୯ ତାରିଖ ରେ କାର୍ଯ୍ୟକ୍ରମ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିଲା । ଯାହାର



ନାମ ୟୁଥ୍ କନ୍-୨୦୨୬ ରଖାଯାଇଛି ।ଓଡ଼ିଶା ର ସମସ୍ତ ମେଡିକାଲ କଲେଜରୁ ଯୁବ ଡାକ୍ତର ଓ ଛାତ୍ରଛାତ୍ରୀ ମାନେ ଯୋଗଦେବା ସହିତ ଓଡ଼ିଶା ବାହାରୁ ମଧ ଯୁବ ଡାକ୍ତର ମାନେ ଯୋଗ ଦେବା ର କାର୍ଯ୍ୟକ୍ରମ ରହିଛି । ପ୍ରାୟ୩୦୦ ରୁ ଉର୍ଦ୍ଧ୍ୱ ଯୁବଡାକ୍ତରମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ବୋଲି ଯୁବ ଡାକ୍ତର ସଂଘର ଚେୟାରମେନ ଡ. ଜ୍ୟୋତିର୍ମୟ ନାୟକ କହିଥିଲେ । ଏହି ସମ୍ମିଳନୀରେ ନୂତନ ଡାକ୍ତରୀ ଆବିଷ୍କାର ଓ ଗବେଷଣା ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା କରାଯିବା ସହିତ ରୋଗୀ ସେବା ଉପରେ ପ୍ରାଧାନ୍ୟ ଦେବାପାଇଁ ଯୁବ ଡାକ୍ତର ମାନଙ୍କୁ ପ୍ରଶିକ୍ଷଣ କରାଯିବ । ଏହି ସମ୍ମିଳନୀରେ ରେ ଯୁବ ଡାକ୍ତର ସଂଘ ର ସଭାପତି ଡ. ଚିନ୍ମୟ ସାହୁ ମଂଚ ପରିଚାଳନା କରିଥିଲେ ।

# ଝାରସୁଗୁଡ଼ାଠାରେ ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନା ଭବନ ଉଦ୍‌ଘାଟିତ

ଝାରସୁଗୁଡ଼ା(ନି.ପ୍ର.) : ଡିଜିଟାଲ୍ ଅପରାଧର ମୁକାବିଲା ଓ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ଝାରସୁଗୁଡ଼ାଠାରେ ନୂତନ ଭାବେ ନିର୍ମିତ 'ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ' ଥାନା ଭବନ ଉଦ୍ ?ଘାଟିତ ହୋଇଯାଇଛି । ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।ରାଜ୍ୟର ୨୦ଟି ଜିଲ୍ଲାରେ ଏକସଙ୍ଗେ



୨୦ଟି ନୂତନ ସାଇବର ପୋଲିସ୍ ଷ୍ଟେସନର ଉଦ୍ ?ଘାଟନ କରାଯାଇଥିବା ବେଳେ ଝାରସୁଗୁଡ଼ା ସେଥିମଧ୍ୟରୁ ଅନ୍ୟତମ । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜି. ଆର ରାଘବେନ୍ଦ୍ର ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହିଥିଲେ ।ଏହି ନୂତନ ଥାନା ପ୍ରତିଷ୍ଠା ଦ୍ୱାରା ଜିଲ୍ଲାରେ ବଢୁଥିବା ସାଇବର ଠକେଇ ଏବଂ ଆର୍ଥିକ ଅନିୟମିତତା ମାମଲାଗୁଡ଼ିକର ତୁରନ୍ତ ତଦନ୍ତ ଓ ସମାଧାନ ହୋଇପାରିବ ।

## ଶୁଭଶ୍ରୀ ମହାରଣା ପାଇବେ 'ଅନସୂୟା ମହାପାତ୍ର ସ୍ମୃତି ଲେଖିକା' ପୁରସ୍କାର

# ମିଳିବ ୨୧ ହଜାର ଟଙ୍କା ସହ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର

ଭୁବନେଶ୍ୱର: ଯୁବ ଗାଳ୍ପିକା ଶୁଭଶ୍ରୀ ମହାରଣାଙ୍କୁ ମିଳିବ 'ଅନସୂୟା ମହାପାତ୍ର ସ୍ମୃତି ପୁରସ୍କାର' । ସେ ତାଙ୍କର ଗଳ୍ପ ସଂକଳନ 'ଗ୍ରେ ' ପାଇଁ ଏହି ପୁରସ୍କାର ପାଇବେ ବୋଲି ତିନିଜଣିଆ ବିଚାରକମଣ୍ଡଳୀ ନିଷ୍ପତି ନେଇଛନ୍ତି । ଚଳିତ ମାସ ୧୩ ତାରିଖ ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୁଶ୍ରୀ ମହାରଣାଙ୍କୁ ପୁରସ୍କାର ବାବଦରେ ୨୧ ହଜାର ଟଙ୍କା ସହିତ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ । ପ୍ରକାଶଯୋଗ୍ୟ ଯେ ଅଶୋକ ମହାପାତ୍ର ତାଙ୍କ ସ୍ୱର୍ଗତା ମାତା ଅନସୂୟା ମହାପାତ୍ରଙ୍କ ସ୍ମୃତିରେ ଏହି ପୁରସ୍କାର ସଂସ୍ଥାପନ କରିଥିବାବେଳେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସମୁଦାୟ ବ୍ୟବସ୍ଥା ପରିଚାଳନା କରୁଛି । ସର୍ବୋଚ୍ଚ ୩୦ ବର୍ଷ ବୟସର ଯୁବ ପ୍ରତିଭାଙ୍କୁ ପୁରସ୍କାର ଦିଆଯାଉଛି ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରକାଶ କରିଛନ୍ତି ।

# ସିଭିଲ ସର୍ଭିସ ପରୀକ୍ଷାରେ ୧୦୦ ତମ ସ୍ଥାନ ହାସଲ କରିଥିବା ସାତ୍ତ୍ୱିକ ସତ୍ୟକାମଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୧୦୦ ହାସଲ କରିଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତା । ସେ ଆଜି ତାଙ୍କ ପିତାମାତାଙ୍କ ସହ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ, ବିଶେଷ କରି କେନ୍ଦୁଝର ଜିଲ୍ଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ । ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ । ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ ।

# ଘରୋଇ ଗ୍ୟାସ୍ ସିଲିଣ୍ଡର ଦର ବଢ଼ିଲା ୬୦ ଟଙ୍କା



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ମହଙ୍ଗା ହେଲା ଗ୍ୟାସ୍ ସିଲିଣ୍ଡର । ଘରୋଇ ଗ୍ୟାସ୍ ସିଲିଣ୍ଡର ଦର ୬୦ ଟଙ୍କା ବଢ଼ିଛି । ଦିଲ୍ଲୀରେ ୧୪.୨ କେଜି ଘରୋଇ ସିଲିଣ୍ଡର ଦର ୯୧୩ ଟଙ୍କା ହେଲା । ୧୯ କେଜି କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ହୋଇଛି । ଦିଲ୍ଲୀରେ ୧୮୮୩ ଟଙ୍କା, ମୁମ୍ବାଇରେ ୧୮୩୫ ଟଙ୍କାକୁ ବୃଦ୍ଧି । ଆଜିଠାରୁ ନୂଆ ବର୍ଦ୍ଧିତ ଦର ଲାଗୁ ହୋଇଛି । ତୁରନ୍ତ କାର୍ଯ୍ୟକାରୀ ନୂଆ ମୂଲ୍ୟ ସିଧାସଳଖ ରୋଷେଇ ଘର ବଜେଟ୍ ସହିତ ହୋଟେଲ ଏବଂ ରେଷ୍ଟୁରାଂଟ ଭଳି ବ୍ୟବସାୟ ଉପରେ ପ୍ରଭାବ ପକାଇବ । ଏବେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ୬୦ ଟଙ୍କା ବଢ଼ିଛି । ଏହାର ଅର୍ଥ ହେଉଛି ଦିଲ୍ଲୀରେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ୮୫୩ ଟଙ୍କାରୁ ୯୧୩ ଟଙ୍କା ହୋଇଛି ।



ଏବେ ବି ରେବତୀ

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶିଳ୍ପୀ କେଶୁଦାସଙ୍କ ଦ୍ୱାରା ଅଙ୍କିତ ଚିତ୍ର ।



# ନୂଆଦିଲ୍ଲୀର ମାନେକ୍ସା କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭାରତ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଆୟୋଜନ କରାଯାଉଛି । ମାନେକଶା କେନ୍ଦ୍ରଠାରେ ଆୟୋଜନ ହେବାକୁ ଥିବା ଏହି ଜାତୀୟ ସ୍ତରୀୟ ସମାରୋହକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସାବିତ୍ରୀ ଠାକୁରଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହେବ ।



ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ଅନ୍ତର୍ଜାତୀୟ ମହିଳା ଦିବସ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତା ଏବଂ ଅବଦାନକୁ ସମ୍ମାନ ଜଣାଏ ଏବଂ ଲିଙ୍ଗଗତ ସମାନତା, ସୁରକ୍ଷା, ମର୍ଯ୍ୟାଦା ତଥା ମହିଳା ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇଥାଏ । ଆସନ୍ତା କାଲି କାର୍ଯ୍ୟକ୍ରମଟି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଶ୍ରୀ ଅନିଲ ମଲ୍ଲିକଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହେବ, ଯାହା ପରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ କାର୍ଯ୍ୟବଳ ଅଂଶଗ୍ରହଣ ବୃଦ୍ଧି ଏବଂ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ପ୍ରମୁଖ ସରକାରୀ ନୀତି ଓ ଯୋଜନାଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଏକ ଦୃଶ୍ୟ-ଶ୍ରାବ୍ୟ ବିବରଣୀ ଉପସ୍ଥାପନା କରାଯିବ । ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଭିଭାଷଣ ପ୍ରଦାନ କରିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ସମାବେଶକୁ ସମ୍ବୋଧିତ କରିବେ ଏବଂ ଦେଶରେ ମହିଳାଙ୍କ ନେତୃତ୍ୱରେ ବିକାଶକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବେ । ଉଦ୍ଘାଟନୀ ସମାରୋହ ପରେ ଦୁଇଟି ପ୍ୟାନେଲରେ ଆଲୋଚନା ଜାରି ରହିବ । ପ୍ରଥମ ପ୍ୟାନେଲ୍ ଆଲୋଚନା "ଶ୍ରମ ସଂହିତା - ମହିଳାଙ୍କ ସଶକ୍ତିକରଣ ବୃଦ୍ଧି" ଉପରେ କେନ୍ଦ୍ରିତ ରହିବ, ଏବଂ ଦ୍ୱିତୀୟ ପ୍ୟାନେଲ୍ "ଉଦ୍ୟୋଗୀ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା" ବିଷୟରେ ଆଲୋଚନା କରିବ । ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ପୋଲିସ, ଗଣମାଧ୍ୟମ, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ୧୫୦ରୁ ଅଧିକ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନରୁ ପ୍ରାୟ ୧,୦୦୦ ମହିଳା ଯୋଗଦେବେ ବୋଲି ଆଶା କରାଯାଉଛି, ଯାହା ଦେଶର ବିବିଧ କ୍ଷେତ୍ରରେ ମହିଳାଙ୍କ ଅବଦାନ ଏବଂ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଆଗକୁ ନେବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ଜନ ଔଷଧି ଦିବସ ୨୦୨୬ ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଜନଔଷଧି ଦିବସ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇବା ସୁନିଶ୍ଚିତ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଶ୍ରୀ ମୋଦୀ ଏହା ମଧ୍ୟ କହିଛନ୍ତି ଯେ ଜନ ଔଷଧି କେନ୍ଦ୍ର ମାଧ୍ୟମରେ ଅଗଣିତ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚ ସଂଚୟ କରୁଛନ୍ତି ଏବଂ ସଠିକ୍ ଚିକିତ୍ସା ପାଉଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନାର ପରିବର୍ତ୍ତନଶୀଳ ପ୍ରଭାବର ଏକ ଝଲକ ସେୟାର କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି; 'ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଜନଔଷଧି ଦିବସ ୨୦୨୬ ଅବସରରେ ମୋର ଶୁଭେଚ୍ଛା । ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇପାରିବେ ବୋଲି ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ମହିଳା ଦିବସରେ 'ସୁଭଦ୍ରା' ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର । ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବ୍ୟାଙ୍କ ଖାତାକୁ ଆସିବ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା । ପୁରୀର ତାଳବଣିଆ ପଡିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୫ ହଜାର ଟଙ୍କା ଲେଖାଏଁ ପଠାଇବେ । ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଏନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ମୁତାବିକ, ଏକ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ଜଣ ଆବେଦନ କରିଥିବା ବେଳେ ଚତୁର୍ଥ କିସ୍ତିରେ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବ । ୫ ହଜାର କୋଟିରୁ ଅଧିକ ଟଙ୍କା ଯୋଗ୍ୟ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ଡିବିଟି ମାଧ୍ୟମରେ ପଠାଯିବ । ପୁରୀର ତାଳବଣିଆ ଠାରେ ଆୟୋଜନ ହେବ ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତରେ ସୁଭଦ୍ରା ଟଙ୍କା ବଂଟାଯିବ । ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ସୁଭଦ୍ରା ହିତାଧିକାରୀ ଟଙ୍କା ପାଇବେ । ସେହିଭଳି ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗରୁ ୩୬ ହଜାର ୩୮୫ ଜଣ ପାଇବେ ସୁଭଦ୍ରା ଟଙ୍କା । ଏପ୍ରିଲ ମାସରେ ଯାହାକୁ ୨୧ ବର୍ଷ ହୋଇଥିବ ସେମାନେ ଆବେଦନ କରିବେ ।



ଯେଉଁମାନେ ୨୧ ବର୍ଷ ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ପାଇପାରିବେ । ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଗତ ସେପ୍ଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ହିତାଧିକାରୀମାନଙ୍କୁ ପୂର୍ବରୁ ୩ଟି କିସ୍ତିରେ ୧୫ ହଜାର ଟଙ୍କା ବଂଟାଯାଇଛି ।

# ୨ ଦିନ ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷିବ



ଭୁବନେଶ୍ୱର: ଉତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତନଠାରୁ ୦.୯ କି.ମି. ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଆଜିଠୁ ୯ ତାରିଖ ଅର୍ଥାତ୍ ରବିବାର ଓ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଝଡ଼ତୋଫାନ ସମ୍ଭାବନା ରହିଛି । ଆସନ୍ତାକାଲି ପାଇଁ ୧୨ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀକୁ ୱାର୍ଣ୍ଣିଂ ଦିଆଯାଇଛି । ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ସମ୍ଭାବନା ଥିବାବେଳେ, ଅନ୍ୟ ୧୮ଟି ଜିଲ୍ଲାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ୮ ତାରିଖ ପାଇଁ ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ରାଜ୍ୟରେ ମହଜୁଦ ଅଛି ଯଥେଷ୍ଟ ତେଲ : ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତେଲ ଦରରେ ନିଆଁ । ବ୍ୟାରେଲ ପିଛା ୯୪.୫୧ ଡଲାର ଛୁଇଁଲା ଅଶୋଧିତ ତୈଳ ଦର । ସେପଟେ ଯୁଦ୍ଧ ପାଇଁ ତେଲ ସରିଯିବା ଭୟରେ ପେଟ୍ରୋଲ ପମ୍ପ ଗୁଡ଼ିକରେ ନାହିଁ ନଥିବା ଭିଡ଼ ଲାଗିଛି । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏବେ ପାଇଁ ପେଟ୍ରୋଲ, ଡିଜେଲ ମହଜୁଦ ଅଛି । ଯୁଦ୍ଧ ପାଇଁ ବିଭ୍ରାନ୍ତକାରୀ ତଥ୍ୟ ଆସୁଛି । ରାଜ୍ୟରେ ଯଥେଷ୍ଟ ପରିମାଣରେ ତୈଳ ମହଜୁଦ ଅଛି । ଋଷ ଠାରୁ ତେଲ ଆଶୁଛି, ତେଲ ନିଅଂଟିଆ ହେବ ନାହିଁ । ରାଜ୍ୟବାସୀ ସରକାରୀ ତଥ୍ୟ ଉପରେ ଭରସା କରନ୍ତୁ । କେବେ ବି ତେଲ କୁ ନେଇ ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ପୁଣି କହିଛନ୍ତି ଯେ, କଳାବଜାରୀ କରୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି । ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭାରତ ଉପରେ ଯୁଦ୍ଧର ପ୍ରଭାବ ପଡ଼ିବ ନାହିଁ । ଖାଇବା ପିଇବା ଜିନିଷ ମଧ୍ୟ ମହଜୁଦ ଅଛି । ଏ ସମୟରେ ଏଲପିଜି ଦର ବଢିବ, କିନ୍ତୁ ମହଜୁଦ ଅଛି । ରେଟ୍ ସାମୟିକ ଭାବେ ବଢିଛି । ରାଜ୍ୟସଭା ନିର୍ବାଚନ ନେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ୩ ଆସନରେ ବିଜେପି ଜିତିବ । ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜେପି ସମର୍ଥନ କରୁଛି । ବିଜେଡିରେ କିଛି ବିଜୁ ପ୍ରେମୀ ଓ କିଛି ନବୀନ ପ୍ରେମୀ ଅଛନ୍ତି । ବିଜୁ ପ୍ରେମୀମାନେ ଦିଲ୍ଲୀପ ପ୍ରେମୀଙ୍କୁ ପସନ୍ଦ କରୁଛନ୍ତି ।

# ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବ ଏସୀୟ କ୍ରୀଡ଼ା-୨୦୨୬




ନୂଆଦିଲ୍ଲୀ : ସେପ୍ଟେମ୍ବର ମାସ ୧୯ ତାରିଖରୁ ଜାପାନର ଆଇଚି-ନାଗୋୟାରେ ଆୟୋଜିତ ହେବ ଏସୀୟ କ୍ରୀଡ଼ା-୨୦୨୬ । ଭାରତ ଏଥର ଏକ ବୃହତ ଦଳ ପଠାଇବାର ଯୋଜନା କରୁଛି । ଜାତୀୟ ଗଣମାଧ୍ୟମରୁ ଯାହା ଜଣା ପଡ଼ିଛି ୭୦୦ ଖେଳାଳି ଏଥର ଏସୀୟ କ୍ରୀଡ଼ାରେ ଭାରତରୁ ପ୍ରତିନିଧିତ୍ୱ କରିବେ । ଏସିଆର ଏହି ବୃହତ କ୍ରୀଡ଼ା ମହାକୁମ୍ଭ ସେପଟ୍ମେର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖରେ ଉଦ୍‌ଯାପିତ ହେବ । ୨୦୨୨ ଏସୀୟ କ୍ରୀଡ଼ା କରୋନା ଯୋଗୁ ୨୦୨୩ରେ ଆୟୋଜିତ ହୋଇଥିଲା । ଗତ ସଂସ୍କରଣରେ ୬୬୧ ଜଣ ଭାରତୀୟ କ୍ରୀଡ଼ାବିତ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କ ମଧ୍ୟରେ ୩୩୩ ପୁରୁଷ ଓ ୩୨୮ ମହିଳା ସାମିଲ ରହିଥିଲେ । ଏଥର ୭୦୦ କ୍ରୀଡ଼ାବିତ ୪୦ଟି ଶୃଙ୍ଖଳାରେ ସାମିଲ ହେବେ । ଯେଉଁଥିରେ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି ବ୍ରୋଞ୍ଜ ପଦକ ସାମିଲ ରହିଥିଲା । ଜାପାନରେ ପୂର୍ବାପେକ୍ଷା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ କିଛି ଅଧିକ ଆଶା ରଖିଛି । କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ)ର ଅଧିକାରୀମାନଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ । ବୈଠକରେ କ୍ରୀଡ଼ାବିତମାନଙ୍କ ଅଂଶଗ୍ରହଣ, ସେମାନଙ୍କ ପ୍ରଶିକ୍ଷଣ, କ୍ରୀଡ଼ା ଗ୍ରାମରେ ରହଣି ଏବଂ ଅନ୍ୟ ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଟି-୨୦ ବିଶ୍ୱ କପ୍ ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ ମ୍ୟାଚ୍ ଆଜି




ଅହମ୍ମଦାବାଦ୍ : ଦୁଇଟି ଦେଶକୁ ସଂପ୍ରସାରିତ ୨୮ ଦିନ ଓ ୫୪ ମ୍ୟାଚ୍‌ର କ୍ରିକେଟ୍ ଯୁଦ୍ଧ ପରେ ଫାଇନାଲ୍ ଟକ୍କର ପାଇଁ ସମର ସଜ୍ଜା ସରିଛି । ଫଟାଫଟ୍ କ୍ରିକେଟ୍ ମହାକୁମ୍ଭର ମହାମୁକାବିଲା ଲାଗି ବିଶ୍ୱର ସର୍ବବୃହତ୍ କ୍ରିକେଟ୍ ମଂଚ 'ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମ୍' ବି ପୂରା ପ୍ରସ୍ତୁତି ହୋଇ ରହିଛି । କେବଳ ଭାରତ କିମ୍ବା ଏସିଆ ମହାଦେଶ ନୁହେଁ, ସାରା ବିଶ୍ୱର ପ୍ରଶଂସକ ଏହି ମହାଲଢ଼େଇକୁ ଢେର ଉଲ୍ଲସିତ ଅଛନ୍ତି । ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଶୁଭ ରବିବାରର ଏହି ଐତିହାସିକ ଟକ୍କର ଲାଗି ଦୁଇ ଫାଇନାଲିଷ୍ଟ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟ ମାନସିକ ଓ ଶାରୀରିକ ଭାବେ ନିଜକୁ ସଜାଡ଼ି ନେଇଛନ୍ତି । ଜୋରଦାର ଅଭ୍ୟାସ କରି ନିଜ ନିଜ ଶକ୍ତିକୁ ଆହୁରି ଶଣିତ କରିଛନ୍ତି । ଅହମଦାବାଦରେ ଟ୍ୱେଂଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ନେଇ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**